# ରାୟଗଡ଼ା ଜିଲାରେ ଖୋଲିଲା ଧାନମଣ୍ଡି

ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.),୧୯।୧୨

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲିଛି। ସ୍ଥାନୀୟ ଆର୍‌ଏମ୍‌ସି ବଜାର ପ୍ରାଙ୍ଗଣରେ ପୂଜାର୍ଚ୍ଚନା କରି ମଣ୍ଡିର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଜିଲାରେ ଖରିଫ୍ ଧାନ କ୍ରୟ ନିମନ୍ତେ ୨୦୨୩ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଧାନ ମଣ୍ଡି ଚାଲିବା ନେଇ ଆରଏମ୍‌ସି ସମ୍ପାଦକ ବିପିନ୍ ସ୍ୱାଇଁ ସୂଚନା ଦେଇଛନ୍ତି। ମଣ୍ଡିରେ ଧାନ ବିକ୍ରିର ଲାଭ ବିଷୟରେ ଅତିରିକ୍ତ ଜିଲାପାଳ ସୂଚନା ଦେଇଥିଲେ।

ମଣ୍ଡିରେ ଚାଷୀ ସୁବିଧାରେ ଧାନ ବିକ୍ରି କରିବା ସହ ୭୨ ଘଣ୍ଟା ମଧ୍ୟରେ କିପରି ବ୍ୟାଙ୍କ ଆକାଉଣ୍ଟରେ ନିଜର ଟଙ୍କା ପାଇବେ


ଉଦ୍‌ଘାଟନି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଓ ଅନ୍ୟମାନେ।

ସେଥିପ୍ରତି ଧାନ ଦେବାକୁ ଯୋଗାଣ ବିଭାଗ ଏବଂ ସମବାୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ମଣ୍ଡିରେ ଚାଷୀ ବିଶ୍ରାମ ନେବା ପାଇଁ ବ୍ୟବସ୍ଥା କରିବା ସହ ଧାନ ସୁରକ୍ଷିତ ପାଇଁ ପଲିଥିନ୍ ବ୍ୟବସ୍ଥା କରିବା ପାଇଁ କହିଥିଲେ। ଚଳିତ ବର୍ଷ ୧୩ ଲାମ୍ପ୍‌ସ ଓ ଗୋଟିଏ ଏମ୍‌ପିସିଏସ୍ ଜରିଆରେ ଧାନ କିଣାଯିବ। ଜିଲାରେ ୨୦ ହଜାର ୪୮୨ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୮ ଲକ୍ଷ ୮୧ ହଜାର ୪ଶହ କୁଇଣ୍ଟାଲ ଟାର୍ଗେଟ ଯୋଗାଣ ବିଭାଗକୁ ଦିଆଯାଇଛି। ଧାନ ସଂଗ୍ରହକୁ ଲକ୍ଷ୍ୟ କରି ଦ୍ୱିତୀୟ ପର୍ଯ୍ୟାୟ ଧାନ କ୍ରୟ ନିମନ୍ତେ ଟାର୍ଗେଟ ଦିଆଯିବ ବୋଲି ସୂଚନା ମିଳିଛି। ଚଳିତ ଥର ୪୨ ସ୍ଥାନରେ ମଣ୍ଡି ବ୍ୟବସ୍ଥା କରାଯାଇଛି। ଉଦ୍‌ଘାଟନି କାର୍ଯ୍ୟକ୍ରମରେ ଉପଜିଲାପାଳ ଭୀମଶେନ ଶବର, ଜିଲା ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ, ଆର୍‌ଏମ୍‌ସି ସମ୍ପାଦକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି କଲ୍ୟାଣସିଂହପୁର ବ୍ଲକ ବୁଡ଼ାଗୁଡ଼ା ଗ୍ରାମର ଆର୍‌ଏମ୍‌ସି ବଜାର ପ୍ରାଙ୍ଗଣରେ ମଣ୍ଡି ଆରମ୍ଭ ହୋଇଛି। ସହକାରୀ ସମବାୟ ନିବନ୍ଧକ ଦୀପକ କୁମାର ବାରା ମୁଖ୍ୟ ଅତିଥି ଏବଂ ଲାମ୍ପ୍‌ସ ସଭାପତି ଶଙ୍କର ହୁଇକା ସମ୍ମାନିତ ଅତିଥି ରୂପେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ତେବେ ସୋମବାର ପ୍ରଥମ ଦିନରେ ଜଣେ ମଧ୍ୟ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି। ଟୋକନ୍ ପାଇଥିଲେ ମଧ୍ୟ ଆର୍‌ଏମସିକୁ ଟାର୍ଗେଟ ମିଳି ନଥିବା ଯୋଗୁ ଚାଷୀ ଧାନ ବିକ୍ରି କରିପାରି ନ ଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ନଡିଆ ଗଛରୁ ପଡ଼ି ଛାତ୍ରଙ୍କ ମୃତ୍ୟୁ

ଗୁଣପୁର,୧୯।୧୨(ଡି.ଏନ୍.ଏ.)- ଗଜପତି ଜିଲା କାଶୀନଗର ବ୍ଲକ ଅଲଡ଼ା ଗ୍ରାମର ଜଣେ ହଷ୍ଟେଲ ଛାତ୍ର ନଡିଆ ଗଛରୁ ପଡ଼ିଯିବାରୁ ରବିବାର ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଗାଁର ଅବାଇଲ କାର୍ଜି(୧୭)। ସେ ଏକ ବେସରକାରୀ ସ୍କୁଲ ହଷ୍ଟେଲରେ ରହି ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ସୂଚନା ଅନୁଯାୟୀ, ଅବାଇଲ ରବିବାର ଅପରାହ୍ନରେ ପଇଡ଼ ତୋଳିବା ପାଇଁ ଗଛରେ ଚଢ଼ିବା ସମୟରେ ଗଛରୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କାଶୀନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ତେବେ ହଷ୍ଟେଲରେ ଥିବା ସମୟରେ ଛାତ୍ର ଜଣଙ୍କ ପଇଡ଼ ତୋଳିବାକୁ ବାହାରକୁ କେମିତି ଗଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ୱାର୍କର୍ସ କ୍ଲବ ପକ୍ଷରୁ ଚିଲ୍‌ଡ୍ରେନ୍ ହୋମ ପିଲାଙ୍କୁ ସହାୟତା



ରାୟଗଡ଼ା,୧୯।୧୨(ସ୍ୱ.ପ୍ର.)- ରାୟଗଡ଼ା ସ୍ଥିତ ଝଞ୍ଜାବତୀ ମହିଳା ୱାର୍କର୍ସ କ୍ଲବ ପକ୍ଷରୁ ଅଶୋକ ନଗର ସ୍ଥିତ ଆସିଷ୍ଟ ଚିଲ୍‌ଡ୍ରେନ୍ ହୋମ୍‌ରେ ରବିବାର ପିଲାମାନଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଛି। ଏଠାରେ ୬୦ ଅନାଥ ବାଳିକା ରହୁଛନ୍ତି। ଶୀତର ପ୍ରକୋପ ବଢୁଥିବାରୁ ସେମାନଙ୍କୁ ଏଥିରୁ ରକ୍ଷା ନିମନ୍ତେ କ୍ଲବ ପକ୍ଷରୁ କମ୍ବଳ, ନାପକିନ୍, ଖାତା, ପେନ୍ ଏବଂ ବିସ୍କୁଟ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲବର ସଭାପତି ଅନସୂୟା ମାଝି, ସମ୍ପାଦିକା ଅରୁଣା ବେହେରା, କୋଷାଧକ୍ଷ ରଶ୍ମିତା ପଣ୍ଡା, ସଦସ୍ୟ ଦୀପ୍ତି ମହାନ୍ତି ଏବଂ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ମୀନାଝୋଲା ୟୁପି ସ୍କୁଲର ବାର୍ଷିକ ଉତ୍ସବ



ଗୁଣପୁର,୧୯।୧୨(ଡି.ଏନ୍.ଏ.) ରାୟଗଡ଼ା ଜିଲା କୋଲନରା ବ୍ଲକ ମୀନାଝୋଲା ସରକାରୀ ୟୁପି ସ୍କୁଲର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କୋଲନରା ବିଇଓ ଏମ୍.ଖଗେଶ୍ୱର ରାଓ ଏଥିରେ ସଭାପତିତ୍ୱ କରିଥିଲେ। ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ବାଙ୍କିଲି ସରପଞ୍ଚ କୁନି ମାଣ୍ଡାଙ୍ଗି, ଝୋରଡି ସରପଞ୍ଚ ଅନନ୍ତ ମାଣ୍ଡାଙ୍ଗି, ବିଆର୍‌ସିସି ଡାଳିମ୍ବ ସୂର୍ଯ୍ୟ, ଏବିଇଓ ପିତୃଦେବ ବିଡିକା, କନିଷ୍ଠ ଯନ୍ତ୍ରୀ ଗିରିଜା ଶଙ୍କର ପତି, ଶିକ୍ଷକ ସଂଘର ସଭାପତି ନାରାୟଣ ବିଡିକା, ସିଆର୍‌ସିସି ନରେନ୍ଦ୍ର ଭୂୟାଁ, ଯୁଧିଷ୍ଠିର ମୁଟୁକା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନୱାଡି କର୍ମୀ ଡି. ଲକ୍ଷ୍ମୀ, ଆଶାକର୍ମୀ ଯଶୋଦା କାମ୍ବାରିକା, ଶିକ୍ଷକ ଅଜିତ ତୁଳ, ଚନ୍ଦ୍ର ମାଣ୍ଡାଙ୍ଗି, ନାରାୟଣ ମାଣ୍ଡାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ କୃଷ୍ଣ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ହୁଇକା, ରଶ୍ମିତା ପାଢ଼ୀ, ରେହେନାଜ ଖାତୁନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିଲା।

# ହୁକୁମତୋଳା ମଶାଣି ନାଳ ଡ୍ୟାମ୍ ପୁନରୁଦ୍ଧାର ଦାବି

ମୁନିଗୁଡ଼ା,୧୯।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ଅନ୍ତର୍ଗତ ହୁକୁମତୋଳା ମଶାଣି ନାଳ ଡ୍ୟାମର ପୁନରୁଦ୍ଧାର ପାଇଁ ୫ ଗ୍ରାମର ଚାଷୀ ଦାବି କରିଛନ୍ତି। ନିୟମଗିରି ପାହାଡ଼ରୁ ଝରିଆସୁଥିବା ଝର ଶକଟା, ମୁନିଖୋଲ, ମୁନିଗୁଡ଼ା, ଭୟରବଗଡ଼, ଲିଟିଗୁଡ଼ା ଦେଇ ହୁକୁମତୋଳା ପାଖ ଲିଟିଗୁଡ଼ା ସରକାରୀ ଜମିରେ ଜଳସଚେନ ବିଭାଗ ଦ୍ୱାରା ୧୫ବର୍ଷ ତଳେ ଡ୍ୟାମ କରାଯାଇ ପାଣିକୁ ସଂରକ୍ଷିତ ରଖାଯାଉଥିଲା। ସ୍ଥାନୀୟ ଲିଟିଗୁଡା, ହୁକୁମତୋଳା, ଖଜୁରିପଦର, ଗୟାକୁପୁଲି, କୁଟ୍ରାଗଡ଼ର ଚାଷଜମିକୁ ଜଳସେଚନ କରାଯାଉଥିଲା। ଗ୍ରୀଷ୍ମ ଋତୁରେ ଏହି ସଂରକ୍ଷିତ ଜଳ ଗୃହପାଳିତ ପ୍ରାଣୀ ପାନୀୟଜଳ ଭାବେ ବ୍ୟବହାର କରୁଥିଲେ। ପରିତାପର ବିଷୟ ହେଲା, ଦୁଇବର୍ଷ ହେଲା ଏହି କ୍ଷୁଦ୍ର ଜଳସେଚନ ଡ୍ୟାମ୍ ସମ୍ପୂର୍ଣ୍ଣ ଅକାମି ହୋଇପଡ଼ିଛି। ଜଳଧାରଣ ଅଂଶମାଟି ଜମିଯିବା କାରଣରୁ ପୋତି ହୋଇଯିବା ସହ ଆଡ଼ିବନ୍ଧ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି।

କରୋନା ପାଇଁ ଦୁଇବର୍ଷ ଧରି ଚାଷୀ ନିରବ ଥିଲେ। କିନ୍ତୁ ଚଳିତ ଖରିଫ ଋତୁରେ ଡିପ ଜମିକୁ ପାଣି ଉଠିବା ସମ୍ଭବ ହୋଇ ନ ଥିଲା। ଧାନ ଧରିବା ବେଳକୁ ପାଣିର ଘୋର ଅଭାବ ପରିଲକ୍ଷିତ ହୋଇଥିଲା। ଫଳରେ ରବିବାର ଉକ୍ତ ୫ ଗ୍ରାମର ଅଧିକାଂଶ ଚାଷୀ ଏକଜୁଟ ହୋଇ ଧାନ ଅମଳ ପରେ ବିଭାଗୀୟ ଅଧିକାରୀଙ୍କୁ ସାକ୍ଷାତ କରି ସମସ୍ୟା ଜଣାଇବେ ବୋଲି ସ୍ଥିର କରିଛନ୍ତି। ଚାଷୀଙ୍କ ଦାବି ଆଗାମୀ ଚାଷ ପୂର୍ବରୁ ପୂରଣ ନ ହେଲେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। କ୍ଷୁଦ୍ର ଜଳସେଚନ ବିଭାଗ ଏହିସବୁ ଅଞ୍ଚଳରେ ଜଳସେଚନ ପାଇଁ ହୁକୁମତୋଳା ମଶାଣି ନାଳ ଡ୍ୟାମ୍‌ର ପୁନରୁଦ୍ଧାର କରିବାକୁ ଚାଷୀମାନେ ଗଣମାଧ୍ୟମ ଜରିଆରେ ଦାବି କରିଛନ୍ତି।

# ୨୪୭ଙ୍କୁ ସିଧାସଳଖ ନିଯୁକ୍ତି, ୬୭୯ ଚୟନ

ରାୟଗଡ଼ା ଅଫିସ,୧୯।୧୨

## ରାୟଗଡ଼ାରେ ନିଯୁକ୍ତି ମେଳା

ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ତଥା ଜିଲା ପ୍ରଶାସନ ପକ୍ଷରୁ ସୋମବାର ଜିସିଡି ହାଇସ୍କୁଲ ପଡ଼ିଆ ଠାରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ନିଜର ବକ୍ତବ୍ୟରେ କର୍ମନିଯୁକ୍ତି ନିମନ୍ତେ ଆସିଥିବା ପ୍ରତ୍ୟାଶି ମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଜିଲା ନିୟୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଜିଲା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଅତୁଲ କୁମାର ପଣ୍ଡା, ଓର୍‌ମାସ ଅତିରିକ୍ତ ନିର୍ଦ୍ଦେଶକ ମନୋଜ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଯୁବତୀ ଯୁବକଙ୍କୁ ମାର୍ଗଦର୍ଶନ କରିଥିଲେ। ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ କମ୍ପାନୀ ଯୋଗ ଦେଇଥିଲେ। ଏହି ମେଳାରେ ୧୧୧୦ ଯୁବତୀ ଯୁବକ ଯୋଗ ଦେଇଥବା ବେଳେ ସେମାନଙ୍କ ମଧ୍ୟରୁ ୬୭୯ ଜଣଙ୍କୁ ଚୟନ କରାଯାଇଛି। ୨୪୭ ଜଣଙ୍କୁ ସିଧାସଳଖ ନିଯୁକ୍ତି ସଂସ୍ଥା ପକ୍ଷରୁ ଚୟନ କରାଯାଇଛି। କେତେଜଣଙ୍କୁ ତାଲିମ ପ୍ରଦାନ କରାଯିବା ନିମନ୍ତେ ମଧ୍ୟ ଚୟନ କରାଯିବ। ମଙ୍ଗଳବାର ଚଇତି ପେଣ୍ଡାଲ, ନୂଆ ବସଷ୍ଟାଣ୍ଡ, ଗୁଣପୁର ଠାରେ ନିଯୁକ୍ତି ମେଳାର ଆୟୋଜନ କରାଯିବ। ଏହି ନିଯୁକ୍ତି ମେଳାରେ ୧୬ଟି କମ୍ପାନୀରେ ସିଧାସଳଖ ନିଯୁକ୍ତିର ବ୍ୟବସ୍ଥା ଥିବାବେଳେ ୧୩ କମ୍ପାନୀ ନିଯୁକ୍ତି ଭିତ୍ତିକ ତାଲିମ ପରେ ନିଯୁକ୍ତି ପ୍ରଦାନ କରିବେ।



ନିଯୁକ୍ତି ମେଳାରେ ଉପସ୍ଥିତ ଜିଲାପାଳ, ଜିଲା ନିୟୋଜନ ଅଧିକାରୀ ଓ ଅନ୍ୟମାନେ।

### ଯୁବକଙ୍କ ଆତ୍ମହତ୍ୟା

କାଲିମେଲା,୧୯।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ହାଟପଦା ଅଞ୍ଚଳରେ ରହୁଥିବା ଜଣେ ଯୁବକ ସୋମବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ହାଟପଦା ଅଞ୍ଚଳର ଶଙ୍କର କର୍ମକାରଙ୍କ ପୁଅ ଅମିତୋଷ (୩୦)। ଅମିତୋଷ ଫାଶି ଲଗାଇ ଝୁଲୁଥିବା ଦେଖି ପରିବାର ଲୋକେ ତାଙ୍କୁ ତୁରନ୍ତ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଖବର ପାଇ କାଲିମେଲା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅମିତୋଷଙ୍କ ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

### ସୌର ପଣ୍ଡିତ ମାଙ୍ଗେଇ ଆଶ୍ରମର ବାର୍ଷିକ ଉତ୍ସବ

ଗୁଣପୁର,୧୯।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଟିଟିମିରି ପଞ୍ଚାୟତ ଅନ୍ତର୍ଗତ ଏଙ୍ଗରବା ସ୍ଥିତ ସୌରା ପଣ୍ଡିତ ମାଙ୍ଗେଇ ଆଶ୍ରମର ପ୍ରତିଷ୍ଠା ତଥା ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଉପ ଜିଲାପାଳ ଲଳିତ କୁମାର କହଁର, ଆଇଟିଡିଏ ପିଏ ଲୋକନାଥ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆଶ୍ରମର ସଭାପତି ମମ ଶବର, ସମ୍ପାଦକ ରାମଚନ୍ଦ୍ର ଶବରଙ୍କ ସମେତ ଶବର ସାଂସ୍କୃତିକ ସଂଘର ଚକ୍ରପାଣି ଶବର, ବଳରାମ ଶବର, ପ୍ରେମା ଶବର, ବୁଲୁ ଶବର, ବିଦ୍ୟାଧର ଶବର, ସରପଞ୍ଚ ଦିବାକର ଶବର, ସମିତି ସଭ୍ୟ ନିଳ ଶବର, ଜିଲା ପରିଷଦ ସଭ୍ୟ ଇଗାନ ଗମାଙ୍ଗ, ବିଇଓ ସୁଜନ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଶବର ସମାଜ ପ୍ରତି ସୌରା ପଣ୍ଡିତ ମାଙ୍ଗେଇ ଗମାଙ୍ଗଙ୍କ ଅବଦାନ ବିଷୟରେ ଏଠାରେ ଆଲୋକପାତ କରାଯାଇଥିଲା।

### ଗଜପତିରେ ନୂତନ ଏସ୍‌ପି

ପାରଳାଖେମୁଣ୍ଡି, ୧୯।୧୨ (ଡି.ଏନ୍.ଏ)

ଗଜପତି ଜିଲାର ନୂତନ ଏସ୍‌ପି ଭାବେ ନିଯୁକ୍ତ ହୋଇଛନ୍ତି ସ୍ୱାତି ଏସ୍ କୁମାର। ସୋମବାର ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବର୍ତ୍ତମାନ ସେ ଅନୁଗୁଳ ଜିଲା ତାଳଚେର ଏସ୍‌ଡିପିଓ ଭାବେ କାର୍ଯ୍ୟରତ ଅଛନ୍ତି। ସେ ୨୦୧୭ ବ୍ୟାଚର ଆଇପିଏସ୍। ଦୀର୍ଘ ଏକ ମାସ ଧରି ପୂର୍ବତନ ଏସ୍‌ପି ଜୟରାମ ଶତପଥୀଙ୍କ ଅବସର ପରେ ଏହି ପଦବୀ ଖାଲି ପଡ଼ିଥିଲା।

# ପାଚିକା ସଂଘର ଭୁବନେଶ୍ୱର ଯାତ୍ରା



ମୁନିଗୁଡ଼ା,୧୯।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଜୁ ଶ୍ରମିକ ସାମୁଖ୍ୟ ସଙ୍ଗଠକ ତଥା ପାଚିକା ମହାସଂଘର ଉପ ସଭାପତି ପ୍ରମୋଦ କୁମାର ସାହୁକାରଙ୍କ ନେତୃତ୍ୱରେ ସୋମବାର ଶତାଧିକ ପାଚିକା ସେମାନଙ୍କ ଦୀର୍ଘ ଦିନର ୭ ଦଫା ଦାବି ନେଇ ରାଜଧାନୀ ଅଭିମୁଖେ ଯାତ୍ରା କରିଛନ୍ତି। ଗତ ୧୩ ତାରିଖରେ ମୁନିଗୁଡ଼ା ଠାରେ ବିଜୁ ଶ୍ରମିକ ସାମୁଖ୍ୟ ଅନୁବନ୍ଧିତ ରାୟଗଡ଼ା ଜିଲା ନିଖିଳ ଓଡ଼ିଶା ପାଚକ ମହାସଂଘର ଏକ ଜିଲାସ୍ତରୀୟ ବୈଠକ ହୋଇଥିଲା । ଏଥିରେ ରାଜ୍ୟ ସଭାପତି, କୋଷାଧ୍ୟକ୍ଷଙ୍କ ସମେତ ଅବିଭକ୍ତ କୋରାପୁଟ ଜିଲା ସଂଯୋଜକଙ୍କ ଉପସ୍ଥିତରେ ଜିଲା ସଙ୍ଗଠନ ନେତୃମଣ୍ଡଳୀ ରାଜ୍ୟ ସଂଘର ଆହ୍ୱାନ କ୍ରମେ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଇଥିଲେ। ହେଲେ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ନିଆ ନଯିବାରୁ ବାଧହୋଇ ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ଭୁବନେଶ୍ୱର ସମାବେଶରେ ଯୋଗ ଦେବାକୁ ଯାଇଛନ୍ତି। ଏଥିରେ ଜିଲାର ସମସ୍ତ ବ୍ଲକରୁ ଶତାଧିକ ପାଚିକା ସାମିଲ ହୋଇଛନ୍ତି। ଶୃଙ୍ଖଳିତ ଶ୍ରମିକ ସଙ୍ଗଠନର ଦାବି ରାଜ୍ୟ ସରକାର ଶୁଣିବେ ଏବଂ ଆଲୋଚନା ପାଇଁ ଆସିବେ ବୋଲି ଆଶା ରଖିଥିବା ସଂଘର ସଭାପତି କହିଛନ୍ତି। ସଂଘର ମୁନିଗୁଡ଼ା ବ୍ଲକ ସଭାନେତ୍ରୀ ସୁଲୁ ଗନ୍ତାୟତ, ଚନ୍ଦ୍ରପୁରରୁ ପଦ୍ମାବତୀ ସାରକା, ରୁକ୍ମଣୀ ପାତ୍ରଙ୍କ ନେତୃତ୍ୱରେ ଶତାଧିକ ପାଚିକା ଭୁବନେଶ୍ୱର ଗସ୍ତ କରିଛନ୍ତି।

# କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ



ରାଇଘର, ୧୯।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକସ୍ତରୀୟ କ୍ରୀଡ଼ା ମହୋତ୍ସବ ଗଞ୍ଜାପାରା ଆଦର୍ଶ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡା ଉତ୍ସବକୁ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ନବୀନା ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଏବିଡିଓ ବିଜୟ କୁମାର ସେଠୀ, ବିଧାୟକ ପ୍ରତିନିଧି ଶିବନାଥ ବାନାର୍ଜୀ, ସ୍ଥାନୀୟ ସରପଞ୍ଚ ମୋତିରାମ୍ ଗଣ୍ଡ, ସମିତି ସଭ୍ୟ ତୃପ୍ତି ରଞ୍ଜନ ମାଝି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। କୀଡ଼ାର ବିକାଶ ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ କରାଯାଉଥିବ ଅତିଥିମାନେ କହିଥିଲେ। ବ୍ଲକ ଅଧୀନ ସମସ୍ତ ସ୍କୁଲର ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଇଓ ଈଶ୍ୱର ଚନ୍ଦ୍ର ମାଝି, ଏବିଡିଓ ସୋନା ମାଝିଙ୍କ ସମେତ ବହୁ ଶିକ୍ଷୟତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୩ କୋଠରୀରେ ୮ଟି ଶ୍ରେଣୀର ପିଲା

ମୁନିଗୁଡ଼ା,୧୯।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ରେଲୱେ କଲୋନୀ ନିକଟସ୍ଥ ବହୁ ପୁରାତନ ସରକାରୀ ୟୁପି ସ୍କୁଲ ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ରହିଛି। ବିଦ୍ୟାଳୟର ପରିବେଶ, ଆନୁଷାଙ୍ଗିକ ଭିତ୍ତିଭୂମି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ, ପରିଚାଳନା କମିଟି ଏବଂ ଗ୍ରାମବାସୀଙ୍କ ନିକଟରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢୁଛନ୍ତି। ସ୍କୁଲରେ ୯୦ ପ୍ରତିଶତ ପିଲା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଅଛନ୍ତି। ହେଲେ ଏଠାରେ ଅଧ୍ୟୟନ ପାଇଁ ମାତ୍ର ୩ ଶ୍ରେଣୀଗୃହ ରହିଥିବାବେଳେ ଶିକ୍ଷୟିତ୍ରୀ ଶିକ୍ଷକ ମାତ୍ର ୭ ଜଣ ରହିଛନ୍ତି। ତେଣୁ ପିଲାଙ୍କ ପାଠପଢ଼ାରେ ବାଧା ଉପୁଜୁଥିବା ଅଭିଯୋଗ ହୋଇଛି।

ଆଠଟି ଶ୍ରେଣୀରେ ପାଠ ୧୮୦ ବିଦ୍ୟାର୍ଥୀ ଥିବାବେଳେ ସମସ୍ତେ ତିନୋଟି କକ୍ଷରେ ବସି ପାଠ ପଢୁଛନ୍ତି। ସେହିପରି ବିଦ୍ୟାଳୟ ପରିସରରେ ଥିବା ଏକମାତ୍ର ନଳକୂପର ଜଳ ବ୍ୟବହାର ଉପଯୋଗୀ ହୋଇପାରୁନି। ଏଣୁ ଅନେକ ସମୟରେ ବିଦ୍ୟାଳୟରେ ପାନୀୟ ଜଳର ଅଭାବ ଦେଖିବାକୁ ମିଳିଥାଏ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କହିବା ହେଲ, ସ୍କୁଲ ପରିସରରେ ଆବଶ୍ୟକ ପର୍ଯ୍ୟାପ୍ତ ସ୍ଥାନ ଥିବା ସତ୍ତ୍ୱେ ଏଠାରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନ ହେବା ଦୁଃଖର ବିଷୟ। ଏଥିସହ ବିଭାଗୀୟ ଅଧିକାରୀ ବିଦ୍ୟାଳୟକୁ ଆସୁଥିବା ସମୟରେ ବିଦ୍ୟାଳୟର ଶ୍ରେଣୀଗୃହ ଅଭାବ, ପାନୀୟ ଜଳ ସମସ୍ୟା ଜାଣିବା ସତ୍ତ୍ୱେ ଚୁପ ରହିବା ମଧ୍ୟ ଦୁର୍ଭାଗ୍ୟର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଯେଉଁଠାରେ ଶ୍ରେଣୀ ଗୃହର ଆବଶ୍ୟକ ସେଠାରେ ଘର ହେଉନି। ଆବଶ୍ୟକ ନ ଥିବା ସ୍କୁଲରେ ଏକାଧିକ କୋଠା ତିଆରି ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି କାରଣରୁ ସରକାରୀ ବିଦ୍ୟାଳୟକୁ ପିଲାଙ୍କୁ ପଠାଇବା ବଦଳରେ ଲୋକେ ବେସରକାରୀ ସ୍କୁଲକୁ ପିଲାଙ୍କୁ ପଠାଇବାକୁ ଇଚ୍ଛା ପ୍ରକାଶ କରୁଥିବା କେତେଜଣ ଅଭିଭାବକ ପ୍ରକାଶ କରିଛନ୍ତି। ସରକାର ପ୍ରାଥମିକ ସ୍ତରରେ ବିଦ୍ୟାଳୟର ଭିତ୍ତିଭୂମି ସଜାଡ଼ିବା ଦିଗରେ ପଦକ୍ଷେପ ନେଉଥିବାବେଳେ ମୁନିଗୁଡାର ଏହି ବିଦ୍ୟାଳୟ ପ୍ରତି ଅଣଦେଖା କାହିଁକି ବୋଲି ପ୍ରଶ୍ନ ଉଠିଛି। ମୁନିଗୁଡ଼ା ସହରର ଏଭଳି ଅବସ୍ଥା ହୋଇଥିବାବେଳେ ଉପାନ୍ତ ଗ୍ରାମ ଗୁଡ଼ିକରେ ପାଠପଢ଼ା କିପରି ହେଉଛି ତାହା ସ୍ପଷ୍ଟ ବୋଲି ମତପ୍ରକାଶ ପାଇଛି। ଏହି ବିଷୟକୁ ନେଇ ସ୍ଥାନୀୟ ଅଞ୍ଚଳର ଅଭିଭାବକ ଏବଂ ଗ୍ରାମବାସୀ ବିଦ୍ୟାଳୟ ପାଇଁ ଆବଶ୍ୟକ ଶ୍ରେଣୀଗୃହ, ପାନୀୟ ଜଳର ସୁବିଧା କରିବାକୁ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରିଛନ୍ତି। ଚଳିତ ଶିକ୍ଷାବର୍ଷ ମଧ୍ୟରେ ଏ ଦିଗରେ ପଦକ୍ଷେପ ନ ନେଲେ ଗ୍ରାମବାସୀ ଆନ୍ଦୋଳନର ପନ୍ଥା ଆପଣାଇବାକୁ ବାଧ ହେବେ ବୋଲି ଚେତାବନି ଦେଇଛନ୍ତି।


ଶ୍ରେଣୀଗୃହରେ ପିଲାମାନେ ।

# 'ଆଦିବାସୀ ସଂସ୍କୃତିର ସ୍ୱତନ୍ତ୍ର ସ୍ୱତନ୍ତ୍ରତା ରହିଛି'

କୋରାପୁଟ,୧୯।୧୨(ସ୍ୱ.ପ୍ର.)

## ପରବ ଉଦ୍‌ଯାପିତ

ରାଜ୍ୟସ୍ତରୀୟ ଆଦିବାସୀ ମହୋତ୍ସବ ପରବର ରୌପ୍ୟ ଜୟନ୍ତୀର ଉଦଯାପନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଆଦିବାସୀ ସଂସ୍କୃତି ଓ ପରମ୍ପରାର ସ୍ୱତନ୍ତ୍ର ସ୍ୱତନ୍ତ୍ରତା ରହିଛି ବୋଲି ପ୍ରକାଶ କରି ଏହି ସଂସ୍କୃତିକୁ ପରବ ଉଜ୍ଜୀବିତ କରୁଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, କୋରାପୁଟ ବିଧାୟକ ରଘୁରାମ ପଡାଲ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋଟପାଡ ବିଧାୟିକା ପଦ୍ମିନୀ ଦିଆନ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢୀ, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, କେସିସି ବ୍ୟାଙ୍କ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଅବଦାଲ ଏମ. ଅଖତାରଙ୍କ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ପରବର ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ପରେ ପରବର ସଫଳ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କୋରାପୁଟ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କୁ ସମ୍ମାନିତ କରିଥିଲେ । ଉଦଯାପନୀ ସନ୍ଧ୍ୟାରେ ଓଡିଶୀ ଫ୍ୟୁଜନ, କୋରାପୁଟ ଜିଲାର କାଠିନାଚ, କଳାଣି ପାୟାଟୁ, ଶିକାରୀ ନାଚ, ଭୁତକା ନାଚ, ପଶୁନାଟ, ଲାଞ୍ଜିଆ ସୌରା ନାଚ, କାଲବେଲିଆ ନୃତ୍ୟ ପରିବେଷଣ କରାଯାଇଥିଲା ।


ଅତିଥିମାନେ ପରବର ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ସମସ୍ତ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

ରାୟଗଡ଼ା,୧୯।୧୨(ସ୍ୱ.ପ୍ର.)

## ରାୟଗଡ଼ା ଗସ୍ତରେ ପୂର୍ତ୍ତ ବିଭାଗ ମନ୍ତ୍ରୀ

ଗମନାଗମନର ବିକାଶ ପାଇଁ ରାଜ୍ୟ ସରକାର ବିଶେଷ ଧ୍ୟାନ ଦେଉଛନ୍ତି। ରାସ୍ତା ଅଧିକ ଓସାରିଆ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି। ସେହିପରି ଯେଉଁ ସ୍ଥାନରେ ଆବଶ୍ୟକ ସେଠାରେ ନୂତନ ଫ୍ଲାଏଓଭର ନିର୍ମାଣ ପାଇଁ ପ୍ରସ୍ତାବ ଦେବାକୁ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଦିନିକିଆ ରାୟଗଡ଼ା ଜିଲା ଗସ୍ତ ସମୟରେ ସ୍ଥାନୀୟ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଠାରେ ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଏହା କହିଛନ୍ତି। ରାସ୍ତା ଓ ପୋଲ ନିର୍ମାଣ ସମୟରେ ଗୁଣବତ୍ତା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଶେଷ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ମନ୍ତ୍ରୀ ବିକାଶମୂଳକ କାର୍ଯ୍ୟ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ। ଯେଉଁ ସ୍ଥାନରେ ପୋଲ ନିର୍ମାଣ କରାଯାଉଛି ତାହା ନିକଟରେ ଚେକ୍‌ଡ୍ୟାମ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଚେକ୍‌ଡ୍ୟାମ ନିର୍ମାଣ ହେଲେ ପୋଲ ପ୍ରତି ବିପଦ ସୃଷ୍ଟି ହେବନାହିଁ। ବର୍ଷା ଋତୁରେ ଅଧିକ ଜଳ ନଦୀରେ ପ୍ରବାହିତ ହେଲେ ମଧ୍ୟ ପୋଲର ଅସୁବିଧା ହେବନି। ଅନ୍ୟପକ୍ଷରେ ଯେଉଁ ଠିକାଦାର ନିର୍ମାଣ କାର୍ଯ୍ୟରେ ବିଳମ୍ବ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବଳକା କାର୍ଯ୍ୟ ମାର୍ଚ୍ଚ ସୁଦ୍ଧା ଶେଷକରି ବିନିଯୋଗ ପ୍ରମାଣପତ୍ର ଦାଖଲ କରିବା ପାଇଁ ମଧ୍ୟ ସେ କହିଥିଲେ। ରୁପକଣା-କାଶୀପୁର ରାସ୍ତା ମରାମତି ବିଷୟରେ ଆଲୋଚନା କରାଯାଇଛି। ସେହିଭଳି ମୁନିଗୁଡ଼ା ଠାରେ ଏକ ଫ୍ଲାଏଓଭର ନିର୍ମାଣ ପାଇଁ ମଧ ଆଲୋଚନା ହୋଇଥିଲା। ଏହି ସବୁ ପ୍ରସ୍ତାବ ତୁରନ୍ତ ଦାଖଲ କରିବା ପାଇଁ ମନ୍ତ୍ରୀ କହିଥିଲେ। ସ୍ୱଚ୍ଛତାକୁ ପ୍ରାଥମିକତା ଦେବା ପାଇଁ ଉପସ୍ଥିତ ବିଧାୟକ ମାନେ ଏଠାରେ ମତପ୍ରକାଶ କରିଥିଲେ। ସମୀକ୍ଷା ବୈଠକରେ ଆଦିବାସୀ କଲ୍ୟାଣ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗଙ୍କ ସମେତ ପୂର୍ତ୍ତ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରମୋଦ ଧର, ନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମନ୍ତ୍ରୀ ଜଗନ୍ନାଥ ସାରକା, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଓ ଅନ୍ୟମାନେ।

## ସଂକ୍ଷେପରେ

### ମହିଳା ନଦୀରେ ଭାସିଯାଇଥିବା ସନ୍ଦେହ

ବୈପାରିଗଡ଼ା,୧୯।୧୨ (ଡି.ଏନ୍.ଏ.)- କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକର ଗୁପ୍ତେଶ୍ୱର ପୀଠକୁ ଦର୍ଶନ କରିବାକୁ ଯାଇ ଜଣେ ମହିଳା ନଦୀରେ ଭାସିଯାଇଥିବା ସନ୍ଦେହ କରାଯାଉଛି । ସେ ହେଲେ ନବରଙ୍ଗପୁର ଥାନା ଅନ୍ତର୍ଗତ ସିନ୍ଧିଗୁଡ଼ା ଗ୍ରାମର ଲବ ମହାପାତ୍ରଙ୍କ ସ୍ତ୍ରୀ ବାସନ୍ତୀ (୫୫)। ଖବରରୁ ପ୍ରକାଶ, ଗତ ୧୭ ତାରିଖରେ ଲବ ଓ ବାସନ୍ତୀ ଗୁପ୍ତେଶ୍ୱର ଦର୍ଶନ କରିବାକୁ ଆସିଥିଲେ। ସେଠାରୁ ଫେରିବାକୁ କୌଣସି ଗାଡ଼ି ନ ମିଳିବାରୁ ସେମାନେ ଜଣଙ୍କ ଘରେ ଆଶ୍ରୟ ନେଇଥିଲେ । ୧୮ ତାରିଖରେ ବାସନ୍ତୀ ଶୌଚ ପାଇଁ ନଦୀକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ତାଙ୍କୁ ବହୁ ଖୋଜାଖୋଜି ପରେ ନ ମିଳିବାରୁ ଏ ନେଇ ଲବ ସୋମବାର ବୈପାରିଗୁଡ଼ା ଥାନାରେ ନିଖୋଜ ସମ୍ପର୍କିତ ଏତଲା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ସୁନାଚେନ୍ ଲୁଟ୍ ଅଭିଯୋଗରେ ଜଣେ ଗିରଫ

ଜୟପୁର,୧୯।୧୨ (ନି.ପ୍ର.)- ଏକ ସୁନାଚେନ ଲୁଟ୍ ମାମଲାର ପର୍ଦ୍ଦାଫାଶ କରିଛି ଜୟପୁର ଟାଉନଥାନା ପୋଲିସ । ଏହି ମାମଲାରେ ଜଣକୁ ଗିରଫ କରିଛି । ସେ ହେଲେ ଜୟନଗର ଦାଶରି ସାହିର ସୁରେଶ ହରିଜନ ଏଲିୟସ ସୁରଜ ବାଘ । ଶିକ୍ଷୟିତ୍ରୀ ରଶ୍ମି ଦୁବେ ସ୍କୁଲରୁ ଫେରୁଥିବା ବେଳେ ଗତ ୭ତାରିଖରେ ଦୁଇ ଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କଠାରୁ ସୁନା ଚେନ ଲୁଟି ନେଇଥିଲେ। ଏନେଇ ଶିକ୍ଷୟିତ୍ରୀ ଜଣକ ଟାଉନ ଥାନାରେ ଅଭିଯୋଗ କରିଥିଲେ । ଏହକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ସୁରେଶଙ୍କ ସମ୍ପୃକ୍ତି ଜାଣି ତଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ସୁନା ଚେନ ଜବତ ହୋଇଛି। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

### ମା'ଙ୍କ ମୃତ୍ୟୁ,ବାପାଙ୍କ ଗିରଫ ପରେ ଅସହାୟ ୩ ଭଉଣୀ ଭାଇ



ଦଶମନ୍ତପୁର,୧୯।୧୨ ( ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡା ପଦର ପଞ୍ଚାୟତର ଖମ୍ବପୋଡ଼ା ଗ୍ରାମରେ ମା'ଙ୍କ ମୃତ୍ୟୁକୁ ନେଇ ବାପା ଗିରଫ ହେବା ପରେ ଗୋଟିଏ ପରିବାରର ୩ ଭଉଣୀ ଓ ଭାଇ ଅନାଥ ହୋଇପଡିଛନ୍ତି। ଗ୍ରାମର ହରି ଚଲାଣ ଘରକୁ ଆସି କୌଣସି କାରଣରୁ ସ୍ତ୍ରୀ ଗୋମତିଙ୍କ ସହ ତାଙ୍କର ବଚସା ହୋଇଥିଲା। ହରି ଏକ ଛୁରୀରେ ଗୋମତିଙ୍କ ପେଟ ଓ ଛାତିକୁ ଭୁସି ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଦଶମନ୍ତପୁର ପୋଲିସ ହରିଙ୍କୁ ଗିରଫ କରିଥିଲା । ତାଙ୍କ ଗିରଫ ପରେ ୩ ସନ୍ତାନ ଝିଅ ନିର୍ମଳା (୧୩), ପୁଅ ଡମ (୩) ଓ ୬ ମାସର ଶିଶୁକନ୍ୟା ପିଣ୍ଟି ଅନାଥ ହୋଇପଡିଛନ୍ତି। ସେମାନେ ଜେଜେ ମା' ପୂର୍ଣ୍ଣିମା ଜାନିଙ୍କ ପାଖରେ ଅଛନ୍ତି। ବେସାହାରା ଅବସ୍ଥାରେ ସେମାନଙ୍କ ଦିନ କଟୁଥିବା ଦେଖିବାକୁ ମିଳିଛି । ପ୍ରଶାସନ ପକ୍ଷରୁ ସେମାନଙ୍କ ଥଇଥାନ ପାଇଁ ସାଧାରଣରେ ଦାବି ହେଉଛି।

# ଜୟପୁରରେ ହେବ ସ୍ପୋର୍ଟସ ହଷ୍ଟେଲ: ମନ୍ତ୍ରୀ

■ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣରେ ମନ୍ଥରତା ନେଇ ମନ୍ତ୍ରୀଙ୍କ ଉଦ୍‌ବେଗ

■ ଠିକାଦାର ଆଣିଲେ ଅଭିଯୋଗ: ବାରମ୍ବାର ମ୍ୟାପ ବଦଳାଯାଉଛି, ଠିକ୍ ରୂପେ ପେମେଣ୍ଟ ମିଳୁନି

ଜୟପୁର,୧୯।୧୨( ନି.ପ୍ର.)

ଜୟପୁର ଫୁଲବାଡ ନିକଟରେ ଇଣ୍ଟିଗ୍ରେଟେଡ ସ୍ପୋର୍ଟସ କମ୍ପ୍ଲେକ୍ସ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ସୋମବାର ଜୟପୁର ଗସ୍ତ ଅବସରରେ ରାଜ୍ୟ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ସ୍ପୋର୍ଟସ କମ୍ପ୍ଲେକ୍ସ, ଆଇଟି ପାର୍କ, ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ସ୍ପୋର୍ଟସ କମ୍ପ୍ଲେକ୍ସ କାର୍ଯ୍ୟର ସମୀକ୍ଷା କରି ଏହାର ନିର୍ମାଣରେ ଅହେତୁକ ବିଳମ୍ବ ଯୋଗୁ ମନ୍ତ୍ରୀ ବେହେରା ଉଦ୍‌ବେଗ ପ୍ରକାଶ କରିଥିଲେ। ସବ୍ ଲିଜ୍ ନେଇଥିବା ଠିକାଦାର ରଜତ ପାଢୀ ମନ୍ତ୍ରୀଙ୍କୁ ବାରମ୍ବାର ମ୍ୟାପ ବଦଳାଯାଉଥିବା ଏବଂ ଠିକ ସମୟରେ ବିଲ ପେମେଣ୍ଟ ହେଉ ନ ଥିବା କହିଥିଲେ। ସମୀକ୍ଷା ପରେ ମନ୍ତ୍ରୀ ବେହେରା ମ୍ୟାପରେ କିଛିଟା ପରିବର୍ତ୍ତନ ଏବଂ କରୋନା ମହାମାରୀ ଯୋଗୁ କାର୍ଯ୍ୟରେ ବିଳମ୍ବ ହୋଇଥିବା ଗଣମାଧ୍ୟମକୁ ସୂଚନା ଦେଇଥିଲେ। ବର୍ଷା ମାସ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ ହେବ ଓ ମାର୍ଚ୍ଚ ମାସରେ ସୁଇମିଂ ପୋଲ କାମ ଶେଷ ହେବ। ଜୟପୁରରେ ଆଗାମୀ ଦିନରେ ଏକ ସ୍ପୋର୍ଟସ ହଷ୍ଟେଲ ନିର୍ମାଣ ହେବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମନ୍ତ୍ରୀଙ୍କ ସମୀକ୍ଷା ସମୟରେ ବିଧାୟକ ତାରା ପ୍ରସାଦ ବାହିନୀପତି ଉପସ୍ଥିତ ଥିଲେ। ଏହି ଅବସରରେ ବାହିନୀପତି କହିଛନ୍ତି, ରାଜ୍ୟ ସରକାର ଗୋଟିଏ ଏଜେନ୍ସିକୁ କାମ କରିବାକୁ ଦେଇଛନ୍ତି । ସେମାନଙ୍କ କାର୍ଯ୍ୟରେ ଅବହେଳା ଯୋଗୁ ଜନସାଧାରଣ ହଇରାଣ ହେଉଛନ୍ତି। ଏହି ଷ୍ଟାଡିୟମ ଏପ୍ରିଲ ୨୦୧୯ରେ କାମ ଆରମ୍ଭ ହୋଇଥିଲା। ୧୮ ମାସ ଭିତରେ କାମ ଶେଷ ହେବା ନେଇ ଲକ୍ଷ୍ୟ ଥିଲା। ଏବେ ଏହାର ଅବଧି ସରି ଯାଇ ୨୦।୧୨।୨୦୨୨ ସୁଦ୍ଧା ୪୦ ପ୍ରତିଶତ କାମ ସରିଛି । ୨୦ କୋଟି ୩୬ ଲକ୍ଷ୍ୟ ଟଙ୍କା ବ୍ୟୟରେ ସରକାର ଏଠାରେ ସ୍ପୋର୍ଟସ କଂପ୍ଲେକ୍ସ କରିବାକୁ ନିଷ୍ପତ୍ତି ନେଇଥିଲେ। ମାତ୍ର ଠିକାଦାରଙ୍କ ଆନ୍ତରିକତା ଅଭାବରୁ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏହି କଂପ୍ଲେକ୍ସରେ ସୁଇମିଂ ପୋଲ୍, ଜାତୀୟସ୍ତରର ଫୁଟବଲ ଗ୍ରାଉଣ୍ଡ, ଇଣ୍ଡୋର ଷ୍ଟାଡିୟମ, ବାସ୍କେଟ ବଲ, ହଷ୍ଟେଲ ଆଦି ରହିବା ଯୋଜନା ରହିଛି। ସୂଚନଯୋଗ୍ୟ, ଜାତୀୟ କ୍ରୀଡା ଦିବସ ଅବସରରେ ଘୋଷଣା ହୋଇଥିବା ୫ଟି ଇଣ୍ଟିଗ୍ରେଟେଡ ସ୍ପୋର୍ଟସ କଂପ୍ଲେକ୍ସ ମଧ୍ୟରେ ଜୟପୁର ରହିଥିଲା। ସମୀକ୍ଷା ସମୟରେ ବିଧାୟକ ବାହିନୀପତିଙ୍କ ସହ ଉପ ଜିଲାପାଳ ବେଦବର ପ୍ରଧାନ, ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ବିଜେଡି ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଜିଲା ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୁନାବେଡାରୁ ଅଂଶଗ୍ରହଣ କରିବେ ୨ ପ୍ରତିଯୋଗୀ




ଅଧ୍ୟକ୍ଷଙ୍କ ଗହଣରେ ମନୋନୀତ ହୋଇଥିବା ୨ ପ୍ରତିଯୋଗୀ।

**୨୦ରୁ ବିଶ୍ୱ ବିଦ୍ୟାଳୟସ୍ତରୀୟ କ୍ରୀଡା ପତିଯୋଗିତା**

ସୁନାବେଡା/ସେମିଳିଗୁଡା, ୧୯।୧୨ (ସ୍ୱ.ପ୍ର.)

ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱ ବିଦ୍ୟାଳୟଠାରେ ବିଶ୍ୱ ବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆସନ୍ତା ୨୦ ତାରିଖ ସୋମବାରଠାରୁ ଅରମ୍ଭ ହେବ। ଏହା ୨୩ ପର୍ଯ୍ୟନ୍ତ ଚାଲିବ। ଏଥିରେ ଦୌଡକୁଦ ପ୍ରତିଯୋଗିତା ବିଭାଗରେ ସୁନାବେଡାରୁ ଦୁଇ ଜଣ ସ୍ଥାନ ପାଇଛନ୍ତି। ସେମାନେ ହେଲେ ସେମିଳିଗୁଡା ମହାବିଦ୍ୟାଳୟର ସରିମା ହାଞ୍ଜରିଆ ଓ ଅଞ୍ଜଳି ତାଡିଙ୍ଗୀ। ଉଭୟେ ସୋମବାର ଭୁବନେଶ୍ୱରକୁ ଯାତ୍ରା ଆରମ୍ଭ କରିଛନ୍ତି। ଏହି ସମୟରେ ସେମାନଙ୍କୁ ସେମିଳିଗୁଡା ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ନିଳାଞ୍ଚଳ ଆଚାର୍ଯ୍ୟ, ପରିଚାଳନା ସମିତି ସଭାପତି ଡ. ପ୍ରଦୀପ ବେହେରା, କ୍ରୀଡା ଶିକ୍ଷକ ହରପ୍ରସାଦ ପତିଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଅଧ୍ୟକ୍ଷ ଆଚାର୍ଯ୍ୟ କହିଛନ୍ତି, ଏହା ମହାବିଦ୍ୟାଳୟ ପାଇଁ ଗର୍ବର କଥା। ପ୍ରତିଯୋଗିତାରେ ଦୁହେଁ ମହାବିଦ୍ୟାଳୟ ପାଇଁ ଗୌରବ ଆଣିବେ ଏହି ବିଶ୍ୱାସ ସେମାନଙ୍କ ଉପରେ ରହିଛି।

# ରାଜ୍ୟସ୍ତରକୁ ଗଲା ୭ ପ୍ରକଳ୍ପ

ଜୟପୁର,୧୯।୧୨ (ନି.ପ୍ର.)



ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ୭ ପ୍ରକଳ୍ପର ପୁରସ୍କୃତ ଛାତ୍ରୀଛାତ୍ରମାନେ।

**ଜିଲାସ୍ତରୀୟ ବିଜ୍ଞାନ ମେଳା**

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସେମବାର ଜିଲାସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ ଉପସ୍ଥିତ ଥିଲେ । ବାହିନୀପତି ଜିଲାର ୧୪ଟି ବ୍ଲକରୁ ଆସିଥିବା ୯୦ ପ୍ରକଳ୍ପକୁ ବୁଲି ଦେଖି କୁନି ବୈଜ୍ଞାନିକମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ପ୍ରକଳ୍ପ ମଧ୍ୟରୁ ୭ଟି ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହେଇଛି। ଅପରାହ୍ନ ୩ଟାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରାଙ୍କ ସଭାପତିତ୍ୱରେ ଉଦ୍ୟାପନୀ ଉତ୍ସବ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ବିଧାୟକ ବାହିନୀପତି, ସମ୍ମାନିତ ଅତିଥି ରୂପେ ତହସିଲଦାର ପ୍ରଧାନ ଟୁଲିଆମ୍ମା, ମୁଖ୍ୟବକ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ମନୋବୃତ୍ତି ସୃଷ୍ଟି କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ବିଜ୍ଞାନ ମେଳାରେ କୃତିତ୍ୱ ହାସଲ କରିଥିବା କୁନି ବୈଜ୍ଞାନିକମାନଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଥିବା ପ୍ରତିଯୋଗୀମାନେ ହେଲେ ଦିଗାପୁର ଏସଏସଡିର ମଦନ କାନ୍ଧୁଲିଆ, ଡକରିପୁଟ ପିୟୁପିଏସର ପ୍ରବୀଣ କୁମାର ଖିଲ, ନୂଆଗାଁ ଜିଏସ୍‌ଏସ୍‌ଡିଏଚଏସର ରୀତା ମୁଦୁଲି, ନନ୍ଦପୁର ଓଏଭିର ସନ୍ଦୀପ ଘଡେଇ, ଦଶମନ୍ତପୁର ଜିଏଏଚଏସ୍‌ର ପ୍ରିୟଙ୍କା ଦାସ,ବାଲିଘାଟ ଜିଏନଏଚଏସ୍‌ର ଭରତ କୁମ୍ଭାର ଏବଂ ନନ୍ଦପୁର ଜିଏଚଏସର ସ୍ମୃତିରେଖା ପଣ୍ଡା। କାର୍ଯ୍ୟକ୍ରମରେ ଯଜ୍ଞେଶ୍ୱର ପଣ୍ଡା ଅତିଥି ପରିଚୟ ଦେଇଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅନନ୍ତ ଦଳପତି ବିବରଣୀ ପାଠ କରିଥିଲେ। ଶାରଦାବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପ୍ରଧାନ ଶିକ୍ଷକ ସିମାଞ୍ଚଳ ମିଶ୍ର ଧନ୍ୟବାଦ ଦେଇଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଗଙ୍ଗାଧର ଷଡଙ୍ଗୀ, ଓମ ପ୍ରକାଶ ମିଶ୍ର , ପ୍ରଭାତ ରଥ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୋରାଚାନ୍ଦ ତ୍ରିପାଠୀ, ଶିବରାମ ପାଣଗ୍ରାହୀ, ପ୍ରଶାନ୍ତ ଦାସ, ଆଶିଷ ପାଢ଼ୀ, ବିଶ୍ୱ ରଞ୍ଜନ ଗୌଡ଼, ଲକ୍ଷ୍ମୀକାନ୍ତ ମିଶ୍ର, ସୁଜିତ୍ ନାୟକ, ପ୍ରସନ ବସ୍ତିଆ, ସୁବର୍ଣ୍ଣ କୁମାରୀ ଖିଲ ସହଯୋଗ କରିଥିଲେ।

# ପରବ:ଟ୍ରାଫିକ ଅବ୍ୟବସ୍ଥା ଯୋଗୁ ଲୋକେ ଘରକୁ ଫେରିଲେ

କୋରାପୁଟ,୧୯।୧୨(ସ୍ୱ.ପ୍ର.)

କୋରାପୁଟର ସରକାରୀ ମହାବିଦ୍ୟାଳୟର ପଡିଆରେ ଚାଲିଥିବା ପରବର ଦ୍ୱିତୀୟ ରବିବାର ସନ୍ଧ୍ୟାରେ ଲକ୍ଷାଧିକ ଜନସମାଗମ ହୋଇଛି। ତେବେ ଟ୍ରାଫିକ ପରିଚାଳନାରେ ଅବବ୍ୟସ୍ଥା ୨୬ ନମ୍ବର ଜାତୀୟ ରାଜପଥ ଉପରେ ବହୁ ସଂଖ୍ୟାରେ ଲୋକେ ଫସି ରହିଥିବା ଦେଖିବାକୁ ମିଳିଥିଲା । ଶେଷରେ ସେମାନେ ନିରା ହୋଇ ଘରକୁ ଫେରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ୬ଟି ସ୍ଥାନରେ ପାର୍କିଂବ୍ୟବସ୍ଥା କରାଯାଇଥିବା ସତ୍ତ୍ୱେ ଲକ୍ଷାଧିକ ଲୋକଙ୍କ ସମାଗମ ହେତୁ ଟ୍ରାଫିକ ପରିଚାଳନା ପାଇଁ ଜିଲା ପ୍ରଶାସନ ନାକେଦମ ହୋଇଥିଲା । ପରିସ୍ଥିତି ଏପରି ହୋଇଥିଲା ପରବ ଦେଖିବାକୁ ଜିଲା, ଓ ରାଜ୍ୟ ବାହାରରୁ ଆସିଥିବା ହଜାର ହଜାର ଲୋକ ବାଧ ହୋଇ ଅଧାବାଟରୁ ଘରକୁ ଫେରି ଯାଇଥିଲେ । ଏପରି ସ୍ଥିତି ସଂନ୍ଧ୍ୟ ୭ଟାରୁ ରାତି ୨ଟାଯାଏ ଲାଗି ରହିଥିଲା। ମଣ୍ଟୁ ଛୁରିଆ ପରବ ପଡିଆରେ ତାଙ୍କର ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ସେହିପରି କୋରାପୁଟ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝିଙ୍କ ସମେତ ବହୁ ଲୋକ ପ୍ରତିନିଧି ଓ ଅଧିକାରୀ ଅଧାବାଟରୁ ଚାଲି ଚାଲି ପରବ ପଡିଆକୁ ଯାଉଥିବା ଦେଖିବାକୁ ମିଳିଥିଲା।

# ମମତା ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମାଲକାନଗିରି,୧୯।୧୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ପଡିଆ ବ୍ଲକ ସଦର ମହକୁମାରେ ମମତା ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଆଇଟିସି ମିଶନ ସହଯୋଗରେ ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ସ୍ଥିତି, ଲୋକ ସ୍ୱାସ୍ଥ୍ୟ ସମୃଦ୍ଧି କ୍ଷେତ୍ରରେ ଗୋଷ୍ଠୀ ସହାୟକଙ୍କ ଭୂମିକା ଓ ଏନ୍‌ଜିଓ କର୍ମୀମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥାରେ ସୁଧାର, ଅପପୁଷ୍ଟି ଦୂରିକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଡିଆ ବିଡିଓ ଦାୟିତ୍ୱରେ ଥିବା କାର୍ତ୍ତିକ ନାୟକ, ବ୍ଲକ ଏମ୍‌ପି ପ୍ରତିନିଧି ପ୍ରତିନିଧି ଚୀନା କୁମାର, ସ୍ୱେଚ୍ଛାସେବୀ ଏମ୍‌ଡି ଫାରୁକ, ପଡିଆ ଆଞ୍ଚଳିକ ମହାବିଦ୍ୟାଳୟ ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର, ବ୍ଲକ ଜୀବିକା ମିଶନର ଅନୁପ ମିଶ୍ର, ଅନୁପ ପରିଡା, ମମତା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଙ୍ଗଠନର ରାଜ୍ୟ ମୁଖ୍ୟ ଡ. ସୁରେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ନିର୍ବାଣ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ

ଜୟପୁର,୧୯।୧୨(ନି.ପ୍ର.)



ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି ।

ଓଡ଼ିଶାର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ନିର୍ବାଣ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ସୁରେନ୍ଦ୍ରନାଥ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସମ୍ପାଦକ କଥାକାର ଚନ୍ଦ୍ରକାନ୍ତ ବିଶ୍ୱାଳ ସ୍ୱାଗତ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ କଥାକର ସହଦେବ ସାହୁ ଯୋଗ ଦେଇ ଜୀବନ ଗଠନରେ ସାହିତ୍ୟର ଭୂମିକ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ରୂପେ କବି ସୂର୍ଯ୍ୟ ମିଶ୍ର ଯୋଗଦେଇ ଅଧୁନିକ ସାହିତ୍ୟର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସମାଲୋଚକ ବାଗ୍ମୀ ଡ. ଚନ୍ଦ୍ରଶେଖର ହୋତାଙ୍କ ଯୁଦ୍ଧୋତ୍ତର ପୃଥିବୀରେ ସାହିତ୍ୟର ଭୂମିକା ସମ୍ପର୍କରେ ମତ ରଖିଥିଲେ। ସାମାଜିକ କର୍ମୀ ପ୍ରକାଶ ନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କାର୍ଯ୍ୟନିର୍ବାହୀ ସମ୍ପାଦକ ଡ. ପ୍ରଦୀପ ମିଶ୍ର ସମ୍ପାଦକୀୟ ବିବରଣୀ ବିବରଣୀ ପାଠ କରିଥିଲେ। ଆକାଶବାଣୀର ଉଦଘୋଷକ କବି ରଘୁନାଥ ବିଶ୍ୱାଳ ମଞ୍ଚ ସଞ୍ଚାଳନ କରିଥିଲେ। ପ୍ରତିଭା ପୂଜନ କ୍ରମରେ ବିଶିଷ୍ଟ ସାହିତ୍ୟିକ ଉମାକାନ୍ତ ଦାଶଙ୍କୁ ମାଟିର ମହକ ସମ୍ମାନ ପ୍ରଦାନ କରାଯାଇଥିଲା। ଗଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗାଳ୍ପିକ ରବି ପଣ୍ଡାଙ୍କୁ ନିର୍ବାଣ ଗଳ୍ପ ସମ୍ମାନ-୨୦୨୦, ଗାଳ୍ପିକା ସ୍ୱାତୀ ଚାର୍ଟର୍ଜୀଙ୍କୁ ନିର୍ବାଣ ଗଳ୍ପ ସମ୍ମାନ-୨୦୨୧ ଓ ଗାଳ୍ପିକ ବିଜୟ ଜେନାଙ୍କୁ ନିର୍ବାଣ ଗଳ୍ପ ସମ୍ମାନ-୨୦୨୨ ପ୍ରଦାନ କରାଯାଇଥିଲା। ସେହିପରି କବିତା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ କବି ସୁଶାନ୍ତ ନାୟକଙ୍କୁ ଗଣେଶ ପ୍ରସାଦ ବିଶ୍ୱାଳ ସ୍ମୃତି ସମ୍ମାନ-୨୦୨୦, କବି ରବି ଶତପଥୀଙ୍କୁ ନିର୍ବାଣ କବିତା ସମ୍ମାନ-୨୦୨୧, ସୁରଞ୍ଜନ ପାତ୍ରଙ୍କୁ ନିର୍ବାଣ କବିତା ସମ୍ମାନ-୨୦୨୨ ପ୍ରଦାନ କରାଯାଇଥିଲା। ଯୁବ ଗାଳ୍ପିକ ଶ୍ରୀକାନ୍ତ ମିଶ୍ରଙ୍କୁ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ମଞ୍ଚକୁ ଅଶୋକ ମହାରଣା ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବରେ ଉପସଭାପତି କୈଳାସ ଚନ୍ଦ୍ର ମାହାପାତ୍ର ସଭାପତିତ୍ୱ କରିଥିଲେ। ଏଥିରେ କବି ଅଶୋକ ମହାରଣା, ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ ଓ ଭାଗ୍ୟଲତା ପାଣିଗ୍ରାହୀ ସଂଯୋଜନା କରିଥିଲେ। ଏହି ଅବସରରେ କବିତା କର୍ମଶାଳାରେ ଯୋଗ୍ୟ ବିବେଚିତ ହୋଇଥିବା ଜୟଶ୍ରୀ ବିଶ୍ୱାଳ, ଅମିଶା କୁମାରୀ ରଥ ଓ ଶ୍ରୀୟା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ସମର୍ପିତ ପାଣିଗ୍ରାଣୀ ଓ ସାଥୀ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସନ୍ତୋଷ ମହାନ୍ତି, ଅବିନାଶ ସାନ୍ତ୍ରାପାତ୍ର, ରାମକୃଷ୍ଣ ସାହୁ, ଅରୁଣ ବେହେରା, ତୁଷାର ଜେନା, ସଞ୍ଜୟ ମିଶ୍ର, କବିତା ମଞ୍ଜରୀ ପଲେଇ, କବିତା ସାହୁ ସହଯୋଗ କରିଥିଲେ।

# ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନେଇ ବୈଠକ

ଦାମନଯୋଡି,୧୯।୧୨(ଡି.ଏନ.ଏ.)- ମାଥାଲପୁଟସ୍ଥିତ ଆଲୁମିନା ବାଳିକା ଉଚ୍ଚ ବିଦ୍ୟାଳୟଠାରେ ସୋମବାର ଦାମନଯୋଡି ଓ ଆଖପାଖ ଅଞ୍ଚଳର ଲୋକ ପ୍ରତିନିଧି,ସମାଜିକ କର୍ମୀ ଓ ବୁଦ୍ଧିଜୀବୀଙ୍କୁ ନେଇ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। ପଟ୍ଟାଙ୍ଗି ବିଧାୟକ ପୀତମ ପାଢୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଆଗାମୀ ଶିକ୍ଷା ବର୍ଷରୁ ବିଦ୍ୟାଳୟ କାର୍ଯ୍ୟକ୍ଷମ କରିବା ଏବଂ ଏହି ବିଦ୍ୟାଳୟର ନାମ 'ସୁବୁଦ୍ଧି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ' ରଖାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହର ପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇଛି। ବିଧାୟକ ପାଢୀ ଏହାର ସଭାପତି ରହିଥିବା ବେଳେ ଅନନ୍ତରାମ ମାଟାମ ସମ୍ପାଦକ ଓ ହରିବନ୍ଧୁ ବିଶ୍ୱାଳ କୋଷାଧ୍ୟକ୍ଷ ଅଛନ୍ତି। ସେହିପରି ଗଭର୍ଣ୍ଣିଂବଡିରେ ୯ଜଣ ଓ ଜେନେରାଲ ବଡିରେ ୧୫ଜଣ ସଦସ୍ୟ ରହିଛନ୍ତି। ପରିଚାଳନା କମିଟି ରେଜିଷ୍ଟ୍ରେସନ ଓ ବିଦ୍ୟାଳୟ ପାଇଁ ଅନୁମତି ସକାଶେ ପ୍ରକ୍ରିୟା ଆରମ୍ଭ ହୋଇଥିବା ବିଧାୟକ ପାଢୀ ସୂଚନା ଦେଇଥିଲେ। ଆଖପାଖ ୪ଟି ପଞ୍ଚାୟତର ସରପଞ୍ଚ,ସମିତିସଭ୍ୟ, ଜିଲା ପରିଷଦ ସଦସ୍ୟ ଏବଂ ସେମିଳିଗୁଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲିଲି ଅଣ୍ଟାବାରିଆଙ୍କ ସମେତ ଅନନ୍ତରାମ ମାଟାମ, ହରିବନ୍ଧୁ ବିଶ୍ୱାଳ,ସୁଧାକର ବେନ୍ୟା, ରାମ ପୂଜାରୀ, କ୍ଷୀରୋଦ ଚନ୍ଦ୍ର ଚୌଧୁରୀ, କୃଷ୍ଣ କୁଳଦୀପ, ପ୍ରଦୀପ ମହାନ୍ତି, ଦେବରାଜ ଭୂୟାଁ, ପୂର୍ଣ୍ଣମା ଜାନି, ଦାମୋଦର ଜାନି, ବିଙ୍ଗୁ ଜାନି, ଭୀମ ମୁଦୁଲି, ଭବାନୀ ଶଙ୍କର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପରିବେଶ ସୁରକ୍ଷାରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

କୋରାପୁଟ,୧୯।୧୨(ସ୍ୱ.ପ୍ର.)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଓଡିଶା ପରିବେଶ କଂଗ୍ରେସର ୧୩ତମ ଅଧିବେଶନ ପୂର୍ବରୁ ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ**

କୋରାପୁଟରେ ହେବାକୁ ଥିବା ଓଡିଶା ପରିବେଶ କଂଗ୍ରେସର ୧୩ତମ ଅଧିବେଶନ ପୂର୍ବରୁ ଜଙ୍ଗଲ, ପରିବୋଶ ଓ ଆଦିବାସୀ ଶୀର୍ଷକ ଏକ ସାହିତ୍ୟ ଚର୍ଚ୍ଚା ଓ କବିତା ଆସର କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କୋଟସ ସଭାଗୃହରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କୋରାପୁଟ ସାହିତ୍ୟ ପରିବାର ସହଯୋଗ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କଥାକାର ରବି ପଣ୍ଡା, ମୁଖ୍ୟବକ୍ତା ସାହିତ୍ୟିକ ଉମାକାନ୍ତ ଦାସ, ସମ୍ମାନିତ ଅତିଥି ରୂପେ ପରିବେଶ କଂଗେସର କର୍ମକର୍ତ୍ତା ସୁଦର୍ଶନ ଦାସ, ଭୃଗୁ ବକ୍ସିପାତ୍ର, କୋଟସର ନିର୍ଦ୍ଦେଶକ ପ୍ରଫୁଲ୍ଲ ମହାପାତ୍ର, ଗବେଷକ ଡ. ଜଗବନ୍ଧୁ ସାମଲ ଯୋଗ ଦେଇଥିଲେ। ପରିବେଶର ଅବକ୍ଷୟ ଓ ଏହାର ସୁରକ୍ଷାରେ ସାହିତ୍ୟର ଭୂମିକା ସମ୍ପର୍କରେ ଅତିଥିମାନେ ନିଜ ମତ ରଖିଥିଲେ । ଏହି ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମରେ ଆଦିବାସୀ ସଂସ୍କୃତିର ସୁରକ୍ଷା ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନନ୍ତ ଗିରି, ଗାଳ୍ପିକ ନାରାୟଣ ପଣ୍ଡା, ତରୁଣ ଦାସ, ରବିପାତ୍ର, କବି ଚକ୍ରପାଣି ପରିଛା, ବିଜୟ ପ୍ରଧାନ, ପାଟଯୋଶୀ ଜଳଧର ସ୍ୱାଇଁ ବାଲ୍ମିକୀ କରୁଆଁ ପ୍ରମୁଖ ଉପସ୍ଥିତ ଥିଲେ । ସାହିତ୍ୟ ପରିବାରର ସଂପାଦିକା ଡ.ପ୍ରୀତିଧାରା ସାମଲ ଅଧ୍ୟକ୍ଷତା କରିଥିଲେ। କବି ରବି ଶତପଥୀ ସଭା ପରିଚାଳନା କରିଥିଲେ। ଶରତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

# ଛାତ୍ରୀ ଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ସୁନାବେଡା/ସେମିଳିଗୁଡା,୧୯।୧୨ (ସ୍ୱ.ପ୍ର.)

ସେମିଳିଗୁଡା ମହାବିଦ୍ୟାଳୟର ଇତିହାସ ସମ୍ମାନ ବିଭାଗର ପ୍ରଥମ ବର୍ଷର ଛାତ୍ରୀ ଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ନିଳାଞ୍ଚଳ ଆଚାର୍ଯ୍ୟ ଯୋଗ ଦେଇ ଛାତ୍ରୀଛାତ୍ରୀଙ୍କୁ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପକ ଡକ୍ଟର ରମାରଞ୍ଜନ ପଟ୍ଟନାୟକ ଇତିହାସ ପଠନ ଓଡ଼ିଆ ତଥା ଭାରତୀୟ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ସେମାନେ ସହାୟକ ହେବେ ବୋଲି ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଡକ୍ଟର ଝାନସୀ ସିଂ ପୁସ୍ତକ ପଠନରୁ ଅତୀତର କାର୍ଯ୍ୟକଳାପ ଓ ବର୍ତ୍ତମାନର ସମସ୍ୟା ସମାଧାନର ସୂତ୍ର ମିଳିଥାଏ ବୋଲି କହିଥିଲେ। ଅଧ୍ୟାପକ ଦେବରାଜ ନାୟକ, ପ୍ରେମାନନ୍ଦ ରାଉତ, ଦେବନନ୍ଦ ନାୟକ, ରମେଶ ମଲ୍ଲିକ, ପ୍ରବୋଧ ମଲ୍ଲିକ, ଅଧ୍ୟପିକା ବବିତା ଦାସ, ବିଦ୍ୟୁତ୍‌ପ୍ରଭା ରାଉତ, ଡଲି ଚୌଧୁରୀ, ସ୍ନିଗ୍ଧା ପଟ୍ଟନାୟକ, ବିନୋଦ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ । ଦ୍ୱିତୀୟ ବର୍ଷର ଛାତ୍ରୀ କୁମାରୀ ବିନୋଦିନୀ ଲେଙ୍କା ସଭା ପରିଚାଳନା କରିଥିଲେ। ଅଧ୍ୟାପକ ସୁରେଶ ପାଇକରାୟ ଓ ରତ୍ନମଣି କହଁର ସହଯୋଗ କରିଥିଲେ।

# ୩ ପଞ୍ଚାୟତରେ ଧାନମଣ୍ଡି ଶୁଭାରମ୍ଭ କଲେ ବିଧାୟକ

ମାଥିଲି, ୧୯।୧୨(ଡି.ଏନ.ଏ. )

ମାଥିଲି ସଦର ମହକୁମାସ୍ଥିତ ଖଡ଼ିମାଟି, ଚାଉଳମେନ୍ଦି ଓ ସାଲମୀ ପଞ୍ଚାୟତରେ ସୋମବାର ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା ଖରିଫ ଧାନ ମଣ୍ଡି ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଦସ୍ୟ, କେସିସି ବ୍ୟାଙ୍କ ଡାରେକ୍ଟର ଉଦ୍ୟନାଥ ମାଦ୍ରୀ, ଲାମ୍ପସ ସଭାପତି ମୁନିବତୀ ବୁଡ଼ବାଡେ, ଚାଉଳମେନ୍ଦି ସରପଞ୍ଚ ଜଳନ୍ଦର ନାୟକ, ଲ୍ୟାମ୍ପସ ଏମ୍‌ଡି ସନ୍ତୋସିନୀ ସାହୁ, ମେକା ସରପଞ୍ଚ ରଞ୍ଜିତା ପୂଜାରୀ, ଆମଗୁଡା ସରପଞ୍ଚ ସୁଖମଣି ଚାଲାଣ, ଆରଏମସି କର୍ମଚାରୀ ଓ ଚାଷୀମାନେ ଉପସ୍ଥିତ ଥିଲେ। ମାଥିଲି ଲ୍ୟାମ୍ପସ ପକ୍ଷରୁ ଏହି ମଣ୍ଡିରୁ ଧାନ କିଣାଯିବାକୁ ସ୍ଥିର ହୋଇଛି। ମଣ୍ଡିରେ ମେକା, ଚାଉଳମେନ୍ଦି, ଖଡ଼ିମାଟି ପଞ୍ଚାୟତର ୧୫୨୦ ଜଣ ଚାଷୀ ଧାନ ବିକ୍ରି କରିବେ ବୋଲି ଆରଏମସି ପକ୍ଷରୁ କୁହାଯାଇଛି। ଗୋଟିଏ ଦିନରେ ୪୫୦୦ କୁଇଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ରଖାଯାଇଛି।



ଧାନମଣ୍ଡି ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

**ସଂକ୍ଷେପରେ**

## ରାମକୃଷ୍ଣ ଶାରଦା ସେବା ସଂଘ ବୈଠକ



ଡାବୁଗାଁ, ୧୯।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁସ୍ଥିତ ଶ୍ରୀ ଶ୍ରୀ ରାମକୃଷ୍ଣ ମନ୍ଦିର ପରିସରରେ ରାମକୃଷ୍ଣ ସେବା ସଂଘର ଏକ ସାଧାରଣ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରୀ ରାମକୃଷ୍ଣ ଭାବ ପ୍ରଚାର ପରିଷଦ ନିର୍ଦ୍ଦେଶକ୍ରମେ ପ୍ରତିନିଧିଭାବେ ଉମରକୋଟ ପରିଷଦ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସେନଗୁପ୍ତା ଉପସ୍ଥିତ ଥିଲେ। ସୁବ୍ରତ ପରିଡ଼ାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସଂଘ ପୂର୍ବତନ ସମ୍ପାଦକ ବାବି ଜେନା ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ। ପୁରୁଣା କମିଟିକୁ ୩ ବର୍ଷ ପୂରିଯାଇଥିବାରୁ ସଂଘର ନିୟମ ପ୍ରକାରେ ନୂତନ କମିଟି କମିଟି ଗଠନ କରାଯାଇଥିଲା। ସୁରେଶ ସାମଲ ସଭାପତି, ଚୈତନ୍ୟ ବିଷୋୟୀ ଉପସଭାପତି, ଦିବାକର ବାରିକ ସମ୍ପାଦକ, ରଞ୍ଜିତ୍ ବିଷୋୟୀ ସହ ସମ୍ପାଦକ, ରଘୁନାଥ ବିଷୋୟୀଙ୍କୁ କୋଷାଧକ୍ଷଭାବେ ମନୋନୀତ କରାଯାଇଛି। ଉପଦେଷ୍ଟା କମିଟିରେ ସୁବ୍ରତ ପରିଡ଼ା, ବାବି ଜେନା, ଡ. ସୁରେନ୍ଦ୍ର ନାଥ ଦାସ, ରାଧାନାଥ ବେହେରା, ଯୁଗସାଇ ଜାନି, ନୀଳାଞ୍ଚଳ ପଣ୍ଡା, ଅଭିରାମ ପାଢ଼ୀଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଗଙ୍ଗାଧର ମହାକୁଡ଼ ଧନ୍ୟବାଦ ଦେଇଥିଲେ। ବୈଠକରେ ସଂଘ ସଦସ୍ୟ ଓ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ।

## ଶିଶୁ ଗୃହକର୍ମୀଙ୍କ ମହାସମ୍ମିଳନୀ



ପାପଡାହାଣ୍ଡି,୧୯।୧୨(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ପାପଡାହାଣ୍ଡିସ୍ଥିତ ମୃଗ ବିହାରରେ ଜିଲାସ୍ତରୀୟ ଶିଶୁ ଗୃହକର୍ମୀଙ୍କ ମହାସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଯୋଜକ ସୂର୍ଯ୍ୟକାନ୍ତ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଝରିଗାଁ ସିଡିପିଓ ବିରାଜ ମୋହିନୀ ପାଙ୍ଗୀ ଓ ପାପଡାହାଣ୍ଡି ସିଡିପିଓ ଏସ୍. ଗୀତା ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଅଶୋକ ପ୍ରଧାନ, ରାଜକିଶୋର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁଗୃହ କର୍ମୀମାନଙ୍କୁ ଉତ୍ସାହିତ କରୁବାକୁ ଅତିଥିମାନେ ଉପହାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବେଣୁଧର ସୁଚେନ, ଅଭି ନାୟକ ଓ ଗାୟତ୍ରୀ ପ୍ରସାଦ ଦେଓ ସହଯୋଗ କରିଥିଲେ।

## ପଞ୍ଚାୟତ ସମିତି ବୈଠକ ବର୍ଜନ କଲେ ସଭ୍ୟାସଭ୍ୟ



ତେନ୍ତୁଲିଖୁଣ୍ଟି, ୧୯।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତିର ସ୍ୱତନ୍ତ୍ର ସମିତି ବୈଠକରେ ବ୍ଲକ ଅଧକ୍ଷା, ବିଡ଼ିଓ ଏବଂ ତେଜଣ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ସଭ୍ୟମାନେ ବିରକ୍ତି ପ୍ରକାଶ କରି ବୈଠକ ବର୍ଜନ କରିଥିଲେ। ପ୍ରତ୍ୟେକ ମାସରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେଉ ନ ଥିବାବେଳେ ୬ ମାସରେ ଥରେ ହେଉଥିବା ବୈଠକକୁ ମଧ ବ୍ଲକ ପ୍ରଶାସନ, ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ବୈଠକକୁ ନ ଆସିବା ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାକୁ କୁଠାରଘାତ ବୋଲି ପୂର୍ବତନ ବ୍ଲକ ଅଧକ୍ଷା ତଥା ମଞ୍ଚାଗାଁ ସମିତି ସଭ୍ୟ କହିଥିଲେ। ସାତ ଦିନ ଆଗରୁ ବିଜ୍ଞପ୍ତି ଦିଆଯାଇ ଥିଲା। ଅଧିକାରୀମାନେ ଅନୁପସ୍ଥିତ ରହିବା ନେଇ କହିଥିଲେ ଏହାକୁ ଘୁଞ୍ଚାଯାଇ ପାରିଥାନ୍ତା ବୋଲି ପାତ୍ରପୁଟ ସମିତି ସଭ୍ୟ ଦିଲୀପ ପ୍ରଧାନୀ ଓ ପୂର୍ବତନ ବ୍ଲକ ଅଧକ୍ଷ ଡମ୍ବରୁ ଭତ୍ରା କହିଥିଲେ। ଦାରିଦ୍ର୍ୟମୁକ୍ତ, ଉନ୍ନତ ଜୀବିକା ଗ୍ରାମ ସୃଷ୍ଟି, ସୁସ୍ଥ ପଞ୍ଚାୟତ, ସୁସ୍ଥ ନିରାମୟ ଗ୍ରାମ, ଶିଶୁ ପ୍ରିୟ ପଞ୍ଚାୟତ, ପ୍ରଯ୍ୟାପ୍ତ ଜଳ ଥିବା ଗ୍ରାମ, ସ୍ୱଚ୍ଛ ସବୁଜ ଗ୍ରାମ, ଆତ୍ମନିର୍ଭରଶୀଳ ଭିତ୍ତିଭୂମି ଥିବା ଗ୍ରାମ, ସାମାଜିକ ସ୍ତରରେ ସୁରକ୍ଷିତ ଗାଁ,ସୁଶାସନ ଯୁକ୍ତ ଗ୍ରାମ, ମହିଳା ଅନୁକୂଳ ପଞ୍ଚାୟତ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ପାଇଁ ବୈଠକ ଆହ୍ୱାନ କରାଯାଇଥିଲା। ଅଧିକାରୀଙ୍କ ଅନୁପସ୍ଥିତିରେ ବୈଠକରେ କାର୍ଯ୍ୟଖସଡ଼ା କିଭଳି ପ୍ରସ୍ତୁତ ହେବକି ବୋଲି ସମିତିସଭ୍ୟ ସୁକାନ୍ତି ମହାନ୍ତି, ସୁଧୀର ଖୁରା, ମଧୁସ୍ମିତା ପାଣିଗ୍ରାହୀ, ବିନୋଦିନି ସିଂ ପ୍ରମୁଖ ମତ ରଖିଥିଲେ। ୯ରୁ ୧୦ମାସ ହେବ କାର୍ଯ୍ୟଭାର ନେଇଛୁ। କିନ୍ତୁ ଏଭଳି ପରିସ୍ଥିତି ଯୋଗୁ ଜନହିତକର ପଦକ୍ଷେପ ନେଇପାରିନୁ ବୋଲି ସରପଞ୍ଚ ଅନାଦି ମାଝି, ପ୍ରମିଳା ମୁଦୁଲି, କିଶୋର ନାୟକ ପ୍ରମୁଖ କହିଥିଲେ। ଶେଷରେ ବୈଠକକୁ ଉପସ୍ଥିତ ସମିତି ସଭ୍ୟାସଭ୍ୟ ଓ ସରପଞ୍ଚମାନେ ବର୍ଜନ କରିଥିଲେ।

# 'ମା' ମାଟିକୁ ସମ୍ମାନ ଦେବାଭଳି କାମ କର'

**ନବରଙ୍ଗପୁର ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସ**

- ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦେବାକୁ ପ୍ରତିଶ୍ରୁତି ଦେଲେ ଏମ୍ପି, ବିଧାୟକ
- ଏମ୍ପି ପାଣ୍ଠିରୁ ତିଆରି ହେବ ଶୌଚାଳୟ, କଲେଜ ତୋରଣ

ନବରଙ୍ଗପୁର,୧୯।୧୨(ବି.ପ୍ର.)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ନବରଙ୍ଗପୁର ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସରେ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତାଙ୍କୁ ମଞ୍ଚରୁ ନମନ କରୁଛି ବୋଲି ଏମ୍ପି କହିଥିଲେ। ଏମ୍ପି ପାଣ୍ଠିରୁ କଲେଜ ମୁଖ୍ୟ ତୋରଣ ସହ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ଶୌଚାଳୟ ନିର୍ମାଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କଲେଜକୁ ସରକାରୀ ମାନ୍ୟତା ଦେବାକୁ ସବୁପ୍ରକାର ସହଯୋଗ କରାଯିବ ବୋଲି ସେ କହିଥିଲେ।

ରାଜ୍ୟ ସଭା ଏମପି ମୁନ୍ନା ଖାଁ, ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ନବରଙ୍ଗପୁର ମାଟିର ପୁଅ ଓ କଲେଜର ପୂର୍ବତନ ଛାତ୍ର ହିସାବରେ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ମିଳିବା ଦିଗରେ ଚେଷ୍ଟା କରିବି ବୋଲି ସେ କହିଛନ୍ତି। ଆତ୍ମ ବିଶ୍ୱାସ ହିଁ ଆଗକୁ ନେବ ବୋଲି ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରୀ କହିଥିଲେ। ଏଥିସହ ମା' ମାଟିକୁ ସର୍ବଦା ସମ୍ମାନ ଦେବାଭଳି କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ନବରଙ୍ଗପୁର ପୋରାଧକ୍ଷ କୁନୁ ନାୟକ ସମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ଅତିଥିଭାବେ ମଞ୍ଚାସୀନ ଥିଲେ। ୧୯୭୧ରେ ଗୁରୁଜନମାନେ ମାନବିଦ୍ୟାଳୟର ଯେଉଁ ଚାରା ବୁଣି ଥିଲେ ତାହା ଆଜି ଏକ ବିରାଟବଟ ବୃକ୍ଷରେ ପରିଣତ ହୋଇଛି ବୋଲି ସେମାନେ ନିଜ ଅଭିଭାଷଣରେ କହିଥିଲେ। ଏଥିସହ ଆଲୁମିନି ସଂଘ ସଦସ୍ୟଙ୍କୁ ସେମାନେ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଭିଜିଲାନ୍ସ ଅଧିକାରୀ କେ.ଏମ୍ ଚନ୍ଦ୍ରମ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ନବରଙ୍ଗପୁର ତହସିଲଦାର ରବୀନ୍ଦ୍ର କୁମାର ରାଉତ, ମହାବିଦ୍ୟାଳୟର ଆଲୁମିନସ ବ୍ରାଣ୍ଡ ଆମ୍ବାସଡ଼ର୍ ସ୍ୱାଗତିକା ତ୍ରିପାଠୀ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧାପକ ଦିଲ୍ଲୀପ କୁମାର ହୋତା ମଞ୍ଚ ପରିଚାଳନା କରିଥିବାବେଳେ ଅଧକ୍ଷ ଭାସ୍କର ନାଥ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ । ଅଧାପିକା ସଙ୍ଗୀତା ତ୍ରିପାଠୀ ସମ୍ପାଦକୀୟ ପାଠ କରିଥିଲେ। ଆଲୁମିନି ତଥା ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ସରିବା ପରେ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସରିବା ପରେ ସ୍ଥାନୀୟ କଳାକାର ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ ଆଦି ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଆଲୁମିନି ତଥା ରାଜସ୍ୱ ଅମଲା ସଂଘ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ , ଆଲୁମିନି ତଥା ଜିଲା ଆଇନଜୀବୀ ସଂଘ ସମ୍ପାଦକ ରାମପ୍ରସାଦ ପାତ୍ର , ଆଲୁମିନି ସଂଘ ମିଡିଆ ସଂଯୋଜକ କିଶୋର ପଟ୍ଟନାୟକ, ଶିବ ଶଙ୍କର ତ୍ରିପାଠୀ, ଆଲୁମିନି ଅଜିତ ପାତ୍ର ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ପୂର୍ବତନ ଛାତ୍ରୀଛାତ୍ର, ବର୍ତ୍ତମାନର ଛାତ୍ରୀଛାତ୍ରଙ୍କ ସହ କଲେଜ ଅଧାପିକା ଅଧାପିକ, କର୍ମଚାରୀ ଉପସ୍ଥିତ ଥିଲେ।

## ଦର୍ଶକଙ୍କୁ ବାନ୍ଧି ରଖିଲା ନାଟକ 'ନିର୍ଜନ କାରାବାସ'

ନବରଙ୍ଗପୁର,୧୯।୧୨(ବି.ପ୍ର.)

ନବରଙ୍ଗପୁର କଲେଜ ସୁବର୍ଣ୍ଣ ଜୟନ୍ତୀ ପାଳନ ହେଉଛି। ଏହି ଅବସରରେ ତ୍ରିଶକ୍ତି ସାଂସ୍କୃତିକ ସଂଘ ପକ୍ଷରୁ ନାଟକ ନିର୍ଜନ କାରାବାସ ମଞ୍ଚସ୍ଥ ହୋଇଥିଲା। ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଅରୋବିନ୍ଦଙ୍କ ଇଂରେଜ ସରକାରଙ୍କ ବିରୋଧରେ ଲଢେଇର ଏକ ସୁନ୍ଦର ବିଷୟବସ୍ତୁକୁ ନେଇ ନାଟକ ମଞ୍ଚସ୍ଥ ହୋଇଥିଲା।



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

ଯାହାକି ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ନାଟକ ରଚନା ଏବଂ ନିର୍ଦ୍ଦେଶନା ବରିଷ୍ଠ ନିର୍ଦ୍ଦେଶକ ଗୋକୁଳ ଖଡଙ୍ଗା ଦେଇଥିଲେ। ଟେଲିଫିଲ୍ମ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ପରିଚାଳନା କରିଥିଲେ। ବିଭିନ୍ନ ଭୂମିକାରେ ବରିଷ୍ଠ ହାସ୍ୟାଭିନେତା ଲକ୍ଷ୍ମୀ ନାରାୟଣ ତ୍ରିପାଠୀ, ସଞ୍ଜୀବ ସିଂ, ଶିବଶଙ୍କର ତ୍ରିପାଠୀ, ଦେବୀ ପ୍ରସାଦ ତ୍ରିପାଠୀ, ଶ୍ରୀନିବାସ ପଟ୍ଟନାୟକ, କୁମାର ବୈଭବ ଏବଂ କୁନି କଳାକାର ସମ୍ଭବ ଅଭିନୟ କରିଥିଲେ। ଗାୟକ ସୁରେଶ ମିଶ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଯୁଗଳ ତ୍ରିପାଠୀ ଏବଂ ମୁରଲୀ ପଟ୍ଟନାୟକ ସଙ୍ଗୀତ ସଂଯୋଜନା କରିଥିଲେ। ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟିର ସଦସ୍ୟ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି କଳାକାରଙ୍କୁ ଉତ୍ସାହିତ କରିଥିଲେ।

## ବସ୍‌ଷ୍ଟାଣ୍ଡରୁ ୩ ନାବାଳିକା ଉଦ୍ଧାର

ଉମରକୋଟ, ୧୯।୧୨(ସ୍ୱ.ପ୍ର.)

ଦାଦନ ଖଟିବାକୁ ନବରଙ୍ଗପୁରରୁ ତ୍ରିପୁରା ଯିବାକୁ ବାହାରିଥିବା ୩ଜଣ ନାବାଳିକାଙ୍କୁ ଉମରକୋଟ ପୋଲିସ ସ୍ଥାନୀୟ ବସ୍‌ଷ୍ଟାଣ୍ଡରୁ ଉଦ୍ଧାର କରିଛି। ସେମାନଙ୍କୁ କାମ ଦେବା ପ୍ରଲୋଭନ ଦେଖାଇ ତ୍ରିପୁରା ନେଇ ଯାଉଥିବା ଜଣେ ଦଲାଲଙ୍କୁ ପୋଲିସ ଅଟକ ରଖିଛି। ଦଲାଲ ଜଣଙ୍କହେଲେ ଚାଟିଗୁଡା ଗ୍ରାମର ଭୁବନ ପନକା। ନାବାଳିକାମାନଙ୍କ ଘର ଉମରକୋଟ ଥାନା ଅଞ୍ଚଳରେ। ସେମାନେ ୧୨ ତାରିଖରୁ ଘରୁ ପଳାଇଥିଲେ। ଏହାପରେ ସେମାନଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଘରୁ ପଳାଇବା ପରେ ନାବାଳିକାମାନେ ଘର ଲୋକଙ୍କୁ ଥରେ ଫୋନ କରିଥିଲେ। ଲୁଗା କଳରେ କାମ କରିବାକୁ ଜଣେ ଦଲାଲଙ୍କ ସହ ତ୍ରିପୁରା ଆସିଛୁ ବୋଲି କହିବା ସହ ସେମାନେ ଫୋନ କାଟି ଦେଇଥିଲେ ବୋଲି ଉକ୍ତ ଏତଲାରେ ଉଲ୍ଲେଖ ଥିଲା। ଏହାପରେ ଉମରକୋଟ ଥାନା ସବ୍‌ଇନ୍ସପେକ୍ଟର ସନ୍ତୋଷମାଝି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ସୋମବାର ସନ୍ଧ୍ୟାରେ ଦଲାଲଙ୍କ ସହ ନାବାଳିକାମାନେ ତ୍ରିପୁରା ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥିବାବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଛି। ତେବେ ଉମରକୋଟରେ ରହି ତ୍ରିପୁରା ଲୁଗା କଳରେ କାମ କରୁଛୁ ବୋଲି ନାବାଳିକାମାନେ କାହିଁକି କହିଥିଲେ ତାହାକୁ ନେଇ ସନ୍ଦେହ ହୋଇଛି। ଉମରକୋଟ ପୋଲିସ କେସ୍ ନଂ. ୪୩୬/୨୨ରେ ମାମଲା ରୁଜୁ କରିଛି। ପୋଲିସ ସମସ୍ତଙ୍କୁ ପଚରାଉଚରା କରୁଛି।

## ଝୋଲା ସରକାରୀ ପ୍ରାଥମିକ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ

ନବରଙ୍ଗପୁର,୧୯।୧୨(ବି.ପ୍ର.)

ଉମରକୋଟ ବ୍ଲକ ରାଜପୁର ପଞ୍ଚାୟତ ଅଧୀନ ଝୋଲା ସରକାରୀ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ଝରିଗାଁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ମାଝି ଯୋଗ ଦେଇଥିଲେ। ୧୯୭୧ରେ ଉପାନ୍ତ ଅଞ୍ଚଳରେ ପ୍ରତିଷ୍ଠା ହୋଇଥିବା ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟ ନିଜର ସ୍ୱର୍ଣ୍ଣ ଜୟନ୍ତୀ ପାଳନ କରୁଛି । ଏହା ଅନ୍ୟ ବିଦ୍ୟାଳୟମାନଙ୍କୁ ପ୍ରେରଣା ଦେବ ବୋଲି ଅତିଥି କହିଥିଲେ। ସେ ବିଦ୍ୟାଳୟ ଭିତ୍ତିଭୂମିର ବିକାଶ ଏବଂ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ନିମନ୍ତେ ୫ଲକ୍ଷ ଆର୍ଥିକ ସହାୟତା ରାଶୀ ଘୋଷଣା କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠା ବର୍ଷଠୁ ଅଦ୍ୟାବଧି କାର୍ଯ୍ୟ କରିଥିବା ସମସ୍ତ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଛି। ଏହି ସମୟରେ ୩ ନଂ ଜୋନ ଜିଲା ପରିଷଦ ସଭ୍ୟା ଡାଳିମ୍ବ ଭତ୍ରା, ସମିତି ସଭ୍ୟା ରୁକ୍ମଣୀ ଭତ୍ରା, ରାଜପୁର ସରପଞ୍ଚ ପବିତ୍ର ଭତ୍ରା, ପୂର୍ବତନ ସରପଞ୍ଚ ଗୌରଚାନ୍ଦ ମାଝି, ଭଣ୍ଡାରିଗୁଡା ସରପଞ୍ଚ ଉଦ୍ଧବ ନାୟକ, ଉମରକୋଟ ଏବିଇଓ ପୁରୁଷୋତ୍ତମ ମାଝି, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦିଲ୍ଲୀପ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବଲ୍ଲଭ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ରାଜପୁର, ସିଂଶାରୀ, ପୁଜାରିଭରଣ୍ଡି ଏବଂ ଜୀରାଗୁଡା କ୍ଲଷ୍ଟର ଅଧୀନ ସ୍କୁଲରେ କାର୍ଯ୍ୟ କରୁଥିବା ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ବିଦ୍ୟାଳୟର ବାର୍ଷିକ କ୍ରୀଡାର କୃତୀ ପ୍ରତିଯୋଗୀଙ୍କୁ ପରିଚାଳନା କମିଟି ସଭାପତି ଚୈତନ ଏବଂ ରାଜପୁର କ୍ଲଷ୍ଟର ସିଆରସିସି ମନୋଜ କୁମାର ବେହେରା ପୁରସ୍କୃତ କରିଥିଲେ। ଉମରକୋଟ ବ୍ଲକ ଅନ୍ତର୍ଗତ ବିଭିନ୍ନ କ୍ଲଷ୍ଟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ କରଲବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରିଚାଳନା କରିଥିଲେ। ଝୋଲା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନ୍ନଦା ପ୍ରସାଦ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ୧୬ ଇଭେଣ୍ଟରେ ୧୭୮ ପ୍ରତିଯୋଗୀ

ତେନ୍ତୁଲିଖୁଣ୍ଟି, ୧୯।୧୨(ଡି.ଏନ.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ବାପୁଜି ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ହୋଇଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ ଓ କ୍ରୀଡ଼ା ମଶାଲ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବିଇଓ ସମରେନ୍ଦ୍ର ଭୌମିକ, ଏବିଇଓ ମୋହନ ମଧୁସୂଦନ ବାଘ, ରମେଶ ଟାକ୍ରି, ଡବ୍ଲ୍ୟୁଇଓ ଜଗମୋହନ ମାଝି ତେନ୍ତୁଲିଖୁଣ୍ଟି ସରପଞ୍ଚ ଟଭା ସାନ୍ତା, ସମିତି ସଭ୍ୟା ମଧୁସ୍ମିତା ପାଣିଗ୍ରାହୀ, ପୂଜାରିଗୁଡା ସରପଞ୍ଚ ଅନାଦି ମାଝି, ସମିତି ସଭ୍ୟା ବିନୋଦିନୀ ସିଂ, ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଉମେଶ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨ଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡ଼ା ଉତ୍ସବରେ ୧୭୮ ଛାତ୍ରୀଛାତ୍ର ୧୬ ଇଭେଣ୍ଟରେ ଜୁନିୟର ଓ ସିନିୟର ବିଭାଗରେ ଭାଗ ନେବେ। କ୍ରୀଡ଼ା ଶିକ୍ଷକ ପ୍ରଭାତ ପଟ୍ଟନାୟକ, ମନୋଜ ପୂଜାରୀ, ରବୀନ୍ଦ୍ର ମୁଦୁଲି, ରବିନାଥ ପରିଡ଼ା, ସୁନିତା ଖେର, ବି.ରାଜା ପ୍ରମୁଖ କ୍ରୀଡ଼ା ପରିଚାଳନା କରୁଛନ୍ତି। ମଙ୍ଗଳବାର ଏହା ଶେଷ ହେବ। କୃତୀ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ।

## ସୁନ୍ଦର, ସୁସ୍ଥ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ାର ଆବଶ୍ୟକତା ରହିଛି



ଅତିଥି ପତାକା ଦେଖାଇ କ୍ରୀଡ଼ା ପ୍ରତିଯୋଗିତା ଶୁଭାରମ୍ଭ କରୁଛନ୍ତି।

ନନ୍ଦାହାଣ୍ଡି,୧୯।୧୨ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ଦହଣା ସରକାରୀ ସଦାଶିବ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷର ବ୍ଲକସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ ପାଳନ କରାଯାଇଛି । ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମଶାଲ ପ୍ରଜ୍ୱଳନ କରିଥିଲେ। ଏହାପରେ ଏକ ମଶାଲକୁ ଶୋଭାଯାତ୍ରାରେ ଖେଳ ପଡ଼ିଆ ପର୍ଯ୍ୟନ୍ତ ଅଣାଯାଇଥିଲା। ବିଧାୟକ ପ୍ରଧାନୀ ପତାକା ଦେଖାଇ କାର୍ଯ୍ୟକ୍ରମ ଶୁଭରାମ୍ଭ କରିଥିଲେ। ସୁନ୍ଦର ଓ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ାର ଆବଶ୍ୟକତା ରହିଛି ବୋଲି ମୁଖ୍ୟ ଅତିଥି କହିଥିଲେ। ଦୁଇ ଦିନ ଧରି କ୍ରୀଡ଼ା ଚାଲିବ। ପ୍ରଥମ ଦିନରେ ଜୁନିୟର ଏବଂ ଦ୍ୱିତୀୟ ଦିନରେ ସିନିୟର ବର୍ଗର ଛାତ୍ରୀଛାତ୍ର ଭାଗନେବେ। ନନ୍ଦାହାଣ୍ଡି ବ୍ଲକର ମୋଟ ୨୨ ସ୍କୁଲର ୧୩୬ ଜଣ ଜୁନିୟର ବର୍ଗର ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡ଼ାରେ ଭାଗନେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଦହଣା ସରପଞ୍ଚ କମଳା ପୂଜାରୀ, ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ବିଦ୍ୟାଳୟ ସଭାପତି ପରେଶ ଦାଶ,ଏବିଇଓ ହରିହର ବେହେରା ଏବଂ ଉତ୍ତମା ହରିଜନ, ପ୍ରଧାନ ଶିକ୍ଷକ ଅଭିଳାଷ ସାହୁଙ୍କ ସମେତ ସମସ୍ତ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଖେଳରେ ଭାଗନେଲେ ୩୦ ସ୍କୁଲର ୧୨୨ଛାତ୍ରୀଛାତ୍ର



ଅତିଥିମାନେ କ୍ରୀଡ଼ା ମଶାଲ ଧରିଛନ୍ତି।

ପାପଡାହାଣ୍ଡି, ୧୯।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଦଲେଇଗୁଡ଼ା ଲାଲ ବାହାଦୁର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ କ୍ରୀଡା ଉତ୍ସବ ପାଳିତ ହୋଇଛି। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ବିଷୋୟୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରିୟରଞ୍ଜନ ବାହାଲି, ଥାନାଧିକାରୀ ରାମେଶ୍ୱର ପ୍ରଧାନ, ବିଇଓ ବୀରେନ୍ଦ୍ର କୁମାର ପାଢ଼ୀ, ସିଡିପିଓ ଏସ୍. ଗୀତା, ଏବିଇଓ ବାଲକଦାସ ରନ୍ଧାରୀ, ପିଏଲ୍‌ଭି ସଭ୍ୟ ରାଜକିଶୋର ରାଓ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଥମେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମଶାଲ ମାର୍ଚ୍ଚ କରାଯାଇଥିଲା। ଥାନାଧିକାରୀ ରାମେଶ୍ୱର ପ୍ରଧାନ କ୍ରୀଡ଼ା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜଟାବାଲା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପାପଡାହାଣ୍ଡି ବ୍ଲକର ୩୦ ବିଦ୍ୟାଳୟରୁ ୧୨୨ ଛାତ୍ରୀଛାତ୍ର ଭାଗ ନେଇଥିଲେ। କନିଷ୍ଠ ବର୍ଗର ବାଳିକା ବାଳକ ବିଭାଗରେ ଦୌଡ଼, ଉଚ୍ଚଡିଆଁ, ଲମ୍ବ ଡିଆଁ, ବ୍ୟଡ଼ମିଣ୍ଟନ, ଡସ୍‌କସ୍ ଥ୍ରୋ, ସଟପୁଟ ଆଦି ଖେଳ ଅନୁଷ୍ଠିତ ହୋଇଛି। ଏବିଇଓ ରନ୍ଧାରୀ, ଏବିଇଓ ପୂର୍ଣ୍ଣଚନ୍ଦ୍ର ପୂଜାରୀ, ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ବିଷୋୟୀ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କୃତି ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଡା. ପ୍ରଭାତ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଗୁରୁଚରଣ ପ୍ରଧାନ, ଦିଲ୍ଲୀପ ଭଞ୍ଜ, ରବୀନ୍ଦ୍ର ବିଶ୍ୱାଳ, ଯାଉଲ ହୁସେନ, ପ୍ରିୟରଞ୍ଜନ ପ୍ରଧାନ ଖେଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସିଆରସିସି ଓ ଶିକ୍ଷକ ସହଯୋଗ କରିଥିଲେ।

## ସରପଞ୍ଚଙ୍କୁ ଦାବି ଜଣାଇଲେ ମଞ୍ଚାଗାଁ ଅଙ୍ଗନୱାଡି କର୍ମୀ

ତେନ୍ତୁଲିଖୁଣ୍ଟି, ୧୯।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଅଧୀନ ମଞ୍ଚାଗାଁ ପଞ୍ଚାୟତର ଅଧୀନ ସମସ୍ତ ୧୫ ଅଙ୍ଗନୱାଡି କର୍ମୀ ଓ ସମସ୍ତ ସହାୟିକାମାନେ ସରପଞ୍ଚ ସଦା ସାନ୍ତାଙ୍କୁ ଆଠ ଦଫା ଦାବି ସମ୍ୱଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନ ଚାଲଇଥିବାବେଳେ ପ୍ରଶାସନ ଦ୍ୱାରା ଏସ୍‌ଏଚ୍‌ଜି ମହିଳା, ୱାର୍ଡ ମେମ୍ବର, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଛତୁଆ ବଣ୍ଟନ କରାଯିବା ପାଇଁ ଯେଉଁ ଦାୟିତ୍ୱ ଦିଆଯାଇଛି ତାହା ନ କରିବାକୁ ଦାବି ପତ୍ରରେ ଉଲ୍ଲେଖ ରହିଛି। ଦାବି ସମ୍ପର୍କରେ ଅଧିକାରୀଙ୍କୁ ଜଣାଇବି ବୋଲି ସରପଞ୍ଚ ସଦା ସାନ୍ତା ପ୍ରତିଶ୍ରୁତି ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନବେଳେ ଜି.ସେଲିନା କୁମାରୀ, କମଳା ମାଝି, ଲକ୍ଷ୍ମୀ ଜାନୀ, ମାଳତୀ ସାନ୍ତା, ତିଳ ସାନ୍ତା, ରୋମଣି ଖରା, ବୈଦି ହରିଜନ, ହୀରାମଣି ଦାଶ, ମୋତି ହରିଜନଙ୍କ ସମେତ ସମସ୍ତ ସହାୟିକା ଉପସ୍ଥିତ ଥିଲେ।



ସରପଞ୍ଚ ଦାବିପତ୍ର ଗ୍ରହଣ କରୁଛନ୍ତି।

## ଅଭିଯୋଗ ସମାଧାନ ଦିଗରେ କାମ କରିବାକୁ ନିର୍ଦ୍ଦେଶ

ନବରଙ୍ଗପୁର, ୧୯।୧୨(ବି.ପ୍ର.)

ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୪୫ ଜଣ ଅଭିଯୋଗ ଦେବାକୁ ପଞ୍ଜିକରଣ କରିଥିଲେ। ଏଥିରେ ରାସ୍ତା ଓ ବ୍ରିଜ ନିର୍ମାଣ,ପାନୀୟ ଜଳ ସୁବିଧା ପାଇଁ ଆବଶ୍ୟକ ନଳକୂପ ଖନନ, ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀଆବାସ, ଆର୍ଥିକ ସହାୟତା, ଚାଉଳ ଯୋଗାଣ ବ୍ୟବସ୍ଥା, ଜଙ୍ଗଲ ଜମି ପଟ୍ଟା, ସ୍କୁଲରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, ଅସମ୍ପୂର୍ଣ୍ଣ ଆବାସ ଗୃହ କାର୍ଯ୍ୟ, ନିଯୁକ୍ତି, ବିଦ୍ୟୁତ୍, ଜମିଜମା ସଂକ୍ରାନ୍ତୀୟ ଆପତ୍ତି, ଅଭିଯୋଗ ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ଶୁଣାଣୀ କରି ଏହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ୬ ହୁଇଲ ଚେୟାର, ୨୦ ଜଣଙ୍କୁ ୟୁଡିଆଇଡି ସ୍ମାର୍ଟ୍ କାର୍ଡ ଜିଲାପାଳ ପ୍ରଦାନ କରିଥିଲେ। ଏହି ଯୁଗ୍ମ ଜନ ଶୁଣାଣୀ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ଉପଜିଲାପାଳ ପ୍ରଶାନ୍ତ ରାଉତ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଚନ୍ଦ୍ରମୋହନ ସାହୁ, ଡିଆଇପିଆର୍‌ଓ ହଳଧର ନିଆଲ, ବିଦ୍ୟୁତ୍ ନିର୍ବାହୀ ଯନ୍ତ୍ରୀ ଅଭିଜିତ ପାଢ଼ୀ, ବ୍ଲକ ଅଧକ୍ଷ ଦୁର୍ଗା ପ୍ରସାଦ ମାଝୀ, ତହସିଲଦାର ମଧୁସୂଦନ ମାଝୀ, ଏବିଡିଓ, ବିଶ୍ୱନାଥ ରାଉତଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।



ଅତିଥିଙ୍କ ଗହଣରେ ସହାୟତା ପାଇଥିବା ହିତାଧିକାରୀମାନେ।

